ଗଣତନ୍ତ୍ରର କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ • ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 33, DATE : 01.11.2026 - 15.11.2026 FORTNIGHTLY (ODIA), BHUBANESWAR. PAGES-08

ଏସଆଇଆର ରଦ୍ଦ, ତ୍ରୁଟିପୂର୍ଣ୍ଣ ବହି ପ୍ରତ୍ୟାହାର ଓ ବନ୍ୟା ବିପନ୍ନଙ୍କୁ ଆବଶ୍ୟକ ସହାୟତା ଦାବିରେ ଏସୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସଆଇଆର(SIR) ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ଷଡ଼ଯନ୍ତ୍ରପୂର୍ଣ୍ଣ ଭାବରେ ସମଗ୍ର ଦେଶରେ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ପ୍ରାୟ ୧୪ କୋଟି ଲୋକଙ୍କ ନାମ ପୁନର୍ବାର ଭୋଟର ତାଲିକାରେ ଯୁକ୍ତ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଣୀତ ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ପାଠ୍ୟ ପୁସ୍ତକ ତୁରନ୍ତ ପ୍ରତ୍ୟାହାର କରିବା, ରାଜ୍ୟ ସରକାରଙ୍କ ଅପରାଧୀସୁଲଭ ଅବହେଳା ପାଇଁ ଚଳିତବର୍ଷ ବାରମ୍ବାର ସୃଷ୍ଟି ହୋଇଥିବା ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କ ନିମନ୍ତେ ତୁରନ୍ତ ଆବଶ୍ୟକ କ୍ଷତିପୂରଣ ଓ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା ସଙ୍ଗେସଙ୍ଗେ ବନ୍ୟା, ମରୁଡ଼ି ଓ ବାତ୍ୟାର ସ୍ଥାୟୀ ପ୍ରତିକାର କରିବା ଦାବିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ), ଓଡିଶା ରାଜ୍ୟ କମିଟି ପକ୍ଷରୁ ଅକ୍ଟୋବର ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ଆଞ୍ଚଳିକ ସ୍ତରରେ ବ୍ୟାପକ ସଂଖ୍ୟକ ସାଧାରଣ ଲୋକଙ୍କୁ ଜଡ଼ତକର ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଏଠାରେ ସୂଚନାଯୋଗ୍ୟ ସମଗ୍ର ଦେଶର ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବା ଆଳରେ ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ପରିଚାଳିତ ନିର୍ବାଚନ କମିଶନ ପକ୍ଷରୁ ୨୦୨୫ ମସିହା ଜୁନ ମାସ ୨୪ ତାରିଖରେ ଦେଶର ନିର୍ବାଚନୀ ଇତିହାସରେ ପ୍ରଥମଥର ପାଇଁ ଭୋଟର ତାଲିକାର ବିଶେଷ ସଘନ ଯାଞ୍ଚ ବା ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ଏସଆଇଆର ପର୍ଯ୍ୟାୟ କ୍ରମେ ସମଗ୍ର ଦେଶରେ ଲାଗୁ କରାଯିବ ବୋଲି ମଧ୍ୟ ସେହି ସମୟରେ ହିଁ ନିର୍ବାଚନ କମିଶନ ପକ୍ଷରୁ ଘୋଷଣା କରଯାଇଥିଲା। ଏସଆଇଆର ପ୍ରକ୍ରିୟାର ସମର୍ଥନରେ କେନ୍ଦ୍ର ଗୃହମନ୍ତ୍ରୀ ଓ ବିଜେପି ଦଳର ଅନ୍ୟାନ୍ୟ ମନ୍ତ୍ରୀ ଓ ନେତା ମାନେ କହିଥିଲେ ଯେ, ଜାଲିଆତି କରି ଆଧାର କାର୍ଡ, ଭୋଟର କାର୍ଡ ଓ ଅନ୍ୟାନ୍ୟ ସରକାରୀ କାଗଜପତ୍ର ହାସଲକରି ଭୋଟର ତାଲିକାରେ ନାମ ଉଠାଇବା ସହିତ ବେଆଇନ ଭାବରେ ଦେଶରେ ରହିଥିବା ଅବୈଧ ଅନୁପ୍ରବେଶକାରୀ ମାନଙ୍କୁ ଚିହ୍ନଟ କରି ଦେଶରୁ ବିତାଡ଼ିତ କରିବା ଉଦ୍ଦେଶ୍ୟରେ ଏସଆଇଆର କରାଯାଉଛି। ତେବେ ବିହାରରେ ଏସଆଇଆର ଲାଗୁହେବା ସମୟରେ ହିଁ ଏସୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ନିର୍ବାଚନ କମିଶନରଙ୍କ ଏହି ପଦକ୍ଷେପକୁ ଦୃଢ଼ ବିରୋଧ କରାଯାଇଥିଲା। କୁହାଯାଇଥିଲା ଯେ, ଏସଆଇଆର୍ ପ୍ରକ୍ରିୟାରେ ଦେଶର ସମସ୍ତ ନାଗରିକଙ୍କୁ ପ୍ରଥମ ଦୃଷ୍ଟିରେ ଅବୈଧ ବୋଲି ଧରିନିଆଯାଉଛି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ନାଗରିକତା ପ୍ରମାଣ କରିବାକୁ ବାଧ କରାଯାଉଛି। ଏହା ଫଳରେ ସ୍ୱାଭାବିକ ନ୍ୟାୟ (natural justice)ର ସିଦ୍ଧାନ୍ତକୁ ଓଲଟାଇ ଦିଆଯାଇଛି। ଅବୈଧ ଅନୁପ୍ରବଶକାରୀ ଖୋଜି ବାହାର କରିବା ଓ ସେମାନଙ୍କୁ ଆଇନସମ୍ମତ ଭାବରେ ବହିଷ୍କାର କରିବା ଦାୟିତ୍ୱ କେନ୍ଦ୍ର ଗୃହ ମନ୍ତ୍ରାଳୟର। ଏଥିପାଇଁ ସୁନିର୍ଦ୍ଦିଷ୍ଟ ଆଇନଗତ ବିଧି ବ୍ୟବସ୍ଥା ରହିଛି। ମାତ୍ର ନିର୍ବାଚନ କମିଶନଙ୍କୁ ବ୍ୟବହାର କରି ସମସ୍ତ ନାଗରିକ ମାନଙ୍କର ଦଲିଲ ଦସ୍ତାବିଜ ଖୋଜିବା ଓ ଆବଶ୍ୟକ କାଗଜପତ୍ର ନଥିଲେ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେଇ ସେମାନଙ୍କର ନାଗରିକତା ଉପରେ ପ୍ରଶ୍ନଚିହ୍ନ ଲଗାଇବା କେବଳ ଆଇନ ବିରୋଧୀ ନୁହେଁ, ଅନ୍ୟାୟ ଓ ଜନବିରୋଧୀ ମଧ୍ୟ। ସ୍ୱାଭାବିକ ଭାବରେ ଏହି ପ୍ରକ୍ରିୟାରେ ବିପୁଳ ସଂଖ୍ୟକ ଭାରତୀୟ ନାଗରିକ ଆବଶ୍ୟକ କାଗଜପତ୍ର ଦେଖାଇ ନପାରି ନିଜର ଭୋଟ ଦେବାର ଅଧିକାର ହରାଇବେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା। ଏହି ପ୍ରକ୍ରିୟାରେ ସଂଖ୍ୟାଲଘୁ, ମହିଳା, ସାମାଜିକ ଓ ଅର୍ଥନୈତିକ ଭାବରେ ଦୁର୍ବଳ ଜନ ଗୋଷ୍ଠି ତଥା ପ୍ରବାସୀ ଶ୍ରମିକ ମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଦଳ ପକ୍ଷରୁ ଆଶଙ୍କା ପ୍ରକାଶ କରଯାଇଥିଲା। ଆମର ଆଶଙ୍କାକୁ ସତ୍ୟ ପ୍ରମାଣିତ କରି ବିହାରରେ ଭୋଟର ତାଲିକାରୁ ୪୭ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଗଲା। ମାତ୍ର ଏହି କସରତ ଜରିଆରେ କେତେ ଜଣ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଲା ସେକଥା ନିର୍ବାଚନ କମିଶନ କିମ୍ବା କେନ୍ଦ୍ର

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

ପାର୍ବଣର ଶରଦରେ ମହଙ୍ଗା ମାଡ

ଅକ୍ଟୋବର-ନଭେମ୍ବର ମାସକୁ କୁହାଯାଏ ପାର୍ବଣ ଋତୁ। ଦୁର୍ଗାପୂଜା, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା ଦିପାବଳୀ ପରକୁ ପର ଅଳ୍ପ ସମୟ ବ୍ୟବଧାନରେ ଆସିଥାଏ। ଏହି ସମୟରେ ବିଭିନ୍ନ ଭୋଟସର୍ବସ୍ୱ ଦଳ ଓ ସେମାନଙ୍କର ନେତାମାନଙ୍କ ବିରାଟ ବିରାଟ ଦାମୀ ରଙ୍ଗୀନ ହୋଡିଂ, କଟଆଉଟ୍ ଚାରିଆଡେ ଭରିଯାଏ। ଜୁଆଡେ ଚାହିଁଲେ ନେତାମାନଙ୍କ ବିଭିନ୍ନ ମୁଦ୍ରାରେ ହସ ହସ ମୁହଁର ଛବିସବୁ ନଜରରେ ପଡେ। ଖବର କାଗଜ, ଟେଲିଭିଜନରୁ ଆରମ୍ଭ କରି ବର୍ତ୍ତମାନ କୁହାଯାଉଥିବା ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ପୂଜା ଅଭିନନ୍ଦନର ସୁଅ ଛୁଟେ। କମ୍ପାନୀମାନଙ୍କ ମଧ୍ୟରେ କିଏ କେତେ ଅଫର ଦେଇ ଗ୍ରାହକମାନଙ୍କୁ ଆକର୍ଷିତ ଓ ପ୍ରଲୋଭିତ କରିପାରିବ, ତା'ର ପ୍ରତିଯୋଗିତା ଚାଲେ। କରଦାତା ଜନଗଣଙ୍କ କଷ୍ଟାର୍ଜିତ ଅକରେ ଗଠିତ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାର ନିଜର ସଫଳତାର ମନଗଢା କାହାଣୀ ପ୍ରଚାର କରନ୍ତି। ଚଳିତ ବର୍ଷ ରାଜ୍ୟରେ ୮ଥର ପ୍ରଳୟଙ୍କାରୀ ବନ୍ୟା ଓ ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ମରୁଡିରେ ଜର୍ଜରିତ ଜନଗଣଙ୍କ ଦୁଃଖ ଅବସାଦକୁ ପୂଜାମଣ୍ଡପର ସ୍ୱର ଝଙ୍କାର, ସୁଶୋଭିତ ତୋରଣ, ମନଲୋଭା ବିଜ୍ଞାପନ କ'ଣ ଦୂର କରିପାରିବ? ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଅଣ୍ଟା ଟିକେ ସଳଖ କରି ନିଜର ଉଜୁଡା ସଂସାରକୁ ସଜାଡିବା ପୂର୍ବରୁ ହିଁ ଆଉ ଏକ ମହା ଦୁର୍ଯୋଗ ମାଡି ଆସିଛି। ତା'ହେଲା ମହାଙ୍ଗା ମାଡ। ସେହି ବନ୍ୟା ସମୟରୁ ହିଁ ଦରଦାମ ବିଶେଷକରି ଖାଦ୍ୟ ସାମଗ୍ରୀ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧିରେ ଯେଉଁ ବନ୍ୟା ଆସିଥିଲା ତା' ଥମିବାର ନାଁ ଧରୁନାହିଁ। ବନ୍ୟା ପ୍ରାକୃତିକ ନିୟମରେ ସାମୟିକ ହେଲେ ବି କମିଯାଇଛି କିନ୍ତୁ ବଜାରରେ ସୃଷ୍ଟି ହେଉଥିବା ଦରବୃଦ୍ଧିର ବନ୍ୟା ଫୁଲି ଫୁଲି ଚାଲିଛି। ବନ୍ୟା ସମୟରେ ଚିନି କେଜି ୮୦ଟଙ୍କା ହୋଇଯାଇଥିଲା। ମଝିରେ ୫ରୁ ୧୦ ଟଙ୍କା କମିଥିଲା। ବର୍ତ୍ତମାନ ପୁଣି ୭୦ଟଙ୍କା ହେଲାଣି। ଝଉଳ କୁଇଣ୍ଟାଲ ପିଛା ଏକାଥରେ ୩୦୦ରୁ ୫୦୦ଟଙ୍କା ବୃଦ୍ଧି ପାଇଛି। ସବୁ ପ୍ରକାର ଡାଲିର ଦର କୁଇଣ୍ଟାଲ ପିଛା ୫୦୦ରୁ ୭୦୦ଟଙ୍କା ବୃଦ୍ଧି ହୋଇଛି। ହରଡ ଡାଲି କୁଇଣ୍ଟାଲ ୧୩,୫୦୦ ଟଙ୍କାରୁ ୧୪୦୦୦କୁ ବୃଦ୍ଧି ପାଇଛି। ରନ୍ଧନ ଗ୍ୟାସ ଦର ବୃଦ୍ଧି ହୋଇଛି। ସାଧାରଣ ସରୁ ଚାଉଳ ଏକାଥରକେ କ୍ୱିଣ୍ଟାଲ ୮୦୦ରୁ ୧୦୦୦ ଟଙ୍କା ଓ ସୁପର ଫାଇନ ଚାଉଳ ୧ହଜାରରୁ ୧୫ଶହ ଟଙ୍କା ବୃଦ୍ଧି ପାଇଛି। ଅଟାଦର ବି ବଢିଛି। ପୁଣି ଚଳିତ ମାସରୁ ଓମଫେଡ୍ କ୍ଷୀର ଲିଟର ପିଛା ୨ରୁ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ବୁକ୍ଷଲ ଉପରେ ଫାସିଷ୍ଟ ବାହିନୀର ଆକ୍ରମଣ

ସମଗ୍ର ପଶ୍ଚିମବଙ୍ଗରେ ଦୁର୍ଗା ପୂଜା ସମୟରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ସମେତ ଅନ୍ୟାନ୍ୟ ବାମପନ୍ଥୀ ଦଳମାନଙ୍କର ଶତାଧିକ ବୁକ୍ଷଲକୁ ବିଜେପି-ଆରଏସ୍ଏସ୍ ପରିକଳ୍ପିତଭାବେ ଫାସିବାଦୀ ଆକ୍ରମଣକରି ଭଙ୍ଗାରୁଜା କରିଛନ୍ତି। ମାର୍କ୍ସବାଦୀ ଅଥରିଟି ମାନଙ୍କ ଦ୍ୱାରା ରଚିତ ପୁସ୍ତକ ବ୍ୟତୀତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରବିନ୍ଦ୍ରନାଥ, ଶରତଚନ୍ଦ୍ର, ନେତାଜୀ, ଭଗତ ସିଂଙ୍କ ଭଳି ସ୍ୱାଧୀନତା ଆନ୍ଦୋଳନ ଓ ନବଜାଗରଣର ମନୀଷୀ ଓ ସଂଗ୍ରାମୀ ଯୋଦ୍ଧାଙ୍କ ଜୀବନୀ ସଂପର୍କିତ ପୁସ୍ତକ ଗୁଡିକୁ ଚିରି ଟୁକୁରା ଟୁକୁରା କରିଛନ୍ତି, ପାଦରେ ଦଳିଛନ୍ତି। ଉପସ୍ଥିତ ପାର୍ଟି କର୍ମୀ ଓ ସ୍ୱେଚ୍ଛାସେବକଙ୍କୁ ମାରି ଲହୁଲୁହାଣ ମଧ୍ୟ କରିଛନ୍ତି। ଏ ସବୁକିଛି ପୋଲିସର ଆଖି ସାମ୍ନାରେ ଘଟିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ଏହି ଅପରାଧୀ ମାନଙ୍କୁ ସମର୍ଥନ କରିଛନ୍ତି। ଏହାର ପ୍ରତିବାଦରେ ସାଧାରଣ ଲୋକ ସ୍ୱତଃସ୍ଫୂର୍ତ୍ତଭାବେ ବହି କିଣିବା ସହ ବହି ବିକ୍ରୀରେ ସାହାଯ୍ୟ କରିଛନ୍ତି। ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପଶ୍ଚିମବଙ୍ଗ ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟି ପଲିଟିବ୍ୟୁରୋ ସଭ୍ୟ କମ୍ରେଡ୍ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ଏକ ପ୍ରେସ ବିବୃତ୍ତିରେ ଏହି ସହଯୋଗିତା ପାଇଁ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ପୋଲିସର ପ୍ରତ୍ୟକ୍ଷ ସହାୟତାରେ ଶାସକ ବିଜେପି-ଆରଏସ୍ଏସ୍ ଜ୍ଞାନଚର୍ଚ୍ଚାର ମୁକ୍ତ ପରିବେଶ କ୍ଷେତ୍ରରେ ବାଧା ଦେବା ଉଦ୍ଦେଶ୍ୟରେ କରିଥିବା ଏହି ଫାସିବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି।

ଭିତର ପୃଷ୍ଠାରେ

★ କର୍ମସ୍ଥଳୀ ନିକଟରେ ବସ୍ତିବାସିନ୍ଦାଙ୍କ ଥଇଥାନ ଏକ ଅଧିକାର, ଅନୁକମ୍ପା ନୁହେଁ ।

★ ରାଜ୍ୟରେ ପୁଞ୍ଜିଲଗାଣ ବର୍ଷା ଓ ନିଯୁକ୍ତି ଜୁଆର - ଦାବି ବନାମ ବାସ୍ତବତା ।

★ ଶିଳ୍ପର ସଂଜ୍ଞାରେ ପରିବର୍ତ୍ତନ ବିରାଟ ସଂଖ୍ୟକ ଶ୍ରମିକଙ୍କ ଜୀବନକୁ ବିପର୍ଯ୍ୟୟ ଡାକି ଆଣିବ।

★ 'ନିଶାମୁକ୍ତ, ହିଂସାମୁକ୍ତ କ୍ୟାମ୍ପସ' ଗଢିବାର ଉପଦେଶବାଣୀ କ'ଣ ଏମାନଙ୍କ ମୁହଁରେ ଶୋଭାପାଏ ?

କର୍ମସ୍ଥଳୀ ନିକଟରେ ବସ୍ତିବାସିନ୍ଦାଙ୍କ ଥଇଥାନ ଏକ ଅଧିକାର, ଅନୁକମ୍ପା ନୁହେଁ

ବସ୍ତିବାସିନ୍ଦା କିଏ ? ସେମାନେ କ'ଣ ସହରର 'ଜବରଦଖଲକାରୀ' ? ସେମାନେ କ'ଣ ସହରର 'ଅଳିଆଗଦା', ଯାହାଙ୍କୁ ବୁଲଡୋଜର୍ ଚଳାଇ ସହର ବାହାରକୁ ତଡ଼ିଦେଲେ ସହର ସୁନ୍ଦର ହୋଇଯିବ ?

ଏହି ପ୍ରଶ୍ନଗୁଡ଼ିକ କେବଳ ବସ୍ତିବାସିନ୍ଦାଙ୍କ ଦୈନନ୍ଦିନ ସମସ୍ୟା ସହ ଜଡ଼ିତ ନୁହେଁ; ଏଗୁଡ଼ିକ ଆମ ସମାଜର ମାନବିକତା, ଗଣତାନ୍ତ୍ରିକ ଚେତନା ଓ ସାମାଜିକ ନ୍ୟାୟବୋଧର ମଧ୍ୟ ପରୀକ୍ଷା।

ସହରର ଯୋଜନାକାରୀଙ୍କ ଅଭିଯୋଗ, ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଓ କ୍ଷମତାଶାଳୀଙ୍କ ତାଚ୍ଛଲ୍ୟ ମଧ୍ୟରେ ଏହା ବିସ୍ତୃତ ହୋଇଯାଏ ଯେ ବସ୍ତିରେ ରହୁଥିବା ଲୋକମାନେ ବି ମଣିଷ। ସେମାନଙ୍କର ସମ୍ମାନର ସହିତ ବଞ୍ଚିବାର ଅଧିକାର ଅଛି। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିବାର ଅଧିକାର ଅଛି। ତେଣୁ ବସ୍ତିବାସିନ୍ଦାଙ୍କ ପ୍ରଶ୍ନକୁ କେବଳ 'ଜବରଦଖଲର' ପ୍ରଶ୍ନ ଭାବରେ ଦେଖିବା ଏକ ସଂକୀର୍ଣ୍ଣ ଜନ ବିରୋଧୀ ଦୃଷ୍ଟିଭଙ୍ଗୀ।

ବସ୍ତିର ଜନ୍ମ ପଛରେ ରହିଛି ଆର୍ଥିକ ଓ ସାମାଜିକ ବାସ୍ତବତା

କୌଣସି ମଣିଷ ନିଜର ଭିଟାମାଟି, ଗାଁ, ପରିବାର ଓ ପରିଚିତ ପରିବେଶ ଛାଡ଼ି ଅଜଣା ସହରକୁ ଆସିବା ପାଇଁ ସବୁବେଳେ ଆଗ୍ରହୀ ନଥାଏ। ଅନେକ ସମୟରେ ଜୀବିକାର ଅନ୍ୱେଷଣ, ଗ୍ରାମାଂଚଳରେ ରୋଜଗାରର ଅଭାବ, କୃଷି ସଙ୍କଟ, ଦାରିଦ୍ର୍ୟ ଓ ବିଭିନ୍ନ ସାମାଜିକ-ଆର୍ଥିକ ପରିସ୍ଥିତି ଲୋକଙ୍କୁ ସହରମୁହାଁ ହେବାକୁ ବାଧ କରେ। ଏହା ଅନେକ କ୍ଷେତ୍ରରେ ବାଧତାମୂଳକ ସ୍ଥାନାନ୍ତରଣ (Forced Migration)ର ଏକ ରୂପ।

ଅନ୍ୟପଟେ, ସରକାରୀ ଯୋଜନା, ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ସେବା କ୍ଷେତ୍ରର ବିକାଶ ସହରକୁ କେନ୍ଦ୍ର କରି ଆଗକୁ ବଢ଼ିଛି। ଫଳରେ ଜୀବିକାର ସନ୍ଧାନରେ ଲୋକମାନେ ସହରକୁ ଆସୁଛନ୍ତି। କିନ୍ତୁ ସହରରେ ସମସ୍ତଙ୍କ ପାଇଁ ସୁଲଭ ଓ ସୁରକ୍ଷିତ ବାସଗୃହର ବ୍ୟବସ୍ଥା କରିବାରେ ସରକାରୀ ଯୋଜନା ଓ ସହରାଞ୍ଚଳ ଯୋଜନାକରଣ ସଂପୂର୍ଣ୍ଣ ବିଫଳ ହୋଇଛି।

ସହରରେ ଜମିର ମୂଲ୍ୟ ଆକାଶଛୁଆଁ। ଘରଭଡ଼ା ଅତ୍ୟଧିକ ଏବଂ ଆବାସ ସଙ୍କଟ ଉତ୍କଟ। ସତୁରୀ ଦଶକରେ ସ୍କୁଲ ପାଠ୍ୟକ୍ରମରେ 'ଘର'ବୋଲି ଯାହା ପଢା ହେଉଥିଲା ଆଜି ବି ତାହା ପ୍ରାସଙ୍ଗିକ ! କାରଣ ଆଜି ମଧ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ସରକାରୀ ଆବାସ ଉପଲବ୍ଧ ନାହିଁ। ସ୍ୱଳ୍ପ ଆୟକାରୀଙ୍କଠାରୁ ଆରମ୍ଭ କରି ନିମ୍ନ ମଧ୍ୟବିତ୍ତ ପରିବାର ପର୍ଯ୍ୟନ୍ତ ସମସ୍ତେ ଏହି ସଙ୍କଟର ଶିକାର।

ହଉସିଂ ବୋର୍ଡ ହେଉ, ସିଡିଏ, ବିଡିଏ ଭଳି ସରକାରୀ ସଂସ୍ଥା ହୁଅନ୍ତୁ ସେମାନେ ସମସ୍ତେ ଜମି ଦଲାଲି କାମରେ ବ୍ୟସ୍ତ ! ଏଭଳି ପରିସ୍ଥିତିରେ ଦୈନିକ ରୋଜଗାର ଓ ଜୀବିକା ପାଇଁ ସହର ଉପରେ ନିର୍ଭରଶୀଳ ଶ୍ରମଜୀବୀ ଲୋକମାନେ କର୍ମସ୍ଥଳୀ ନିକଟରେ ରହିବାକୁ ବାଧ ହୁଅନ୍ତି। ସୁଲଭ ଆବାସର ବ୍ୟବସ୍ଥା ନଥିବାରୁ ସେମାନଙ୍କ ମଧ୍ୟରୁ ଅନେକ ସରକାରୀ ଜମି କିମ୍ବା ଅନ୍ୟ ସ୍ଥାନରେ ବସ୍ତି ଗଢ଼ି ରୁହନ୍ତି। ଏହା ପଛରେ ରହିଛି ବଞ୍ଚିବାର ସଂଘର୍ଷ, ଜୀବିକାର ଆବଶ୍ୟକତା ଓ ଆବାସର ଅଭାବ।

ତେଣୁ ବସ୍ତି ସମସ୍ୟାର ମୂଳ କାରଣ ଅନୁଧାନ ନକରି କେବଳ ବସ୍ତି ଉଚ୍ଛେଦ କରିବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ବରଂ ଏହା ହଜାର ହଜାର ପରିବାରକୁ ଆହୁରି ଗଭୀର ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେବ।

ସହରର ଅର୍ଥନୀତିରେ ବସ୍ତିବାସିନ୍ଦାଙ୍କ ଅବଦାନ

ସହରର ସୌନ୍ଦର୍ଯ୍ୟ, ବିକାଶ ଓ ଆଧୁନିକତାକୁ ନେଇ ଗର୍ବ କରାଯାଏ, ଏହାକୁ ସ୍ମାର୍ଟ କରିବା ଘୋଷଣାକରି ଭୋଟ ହାସଲ କରାଯାଏ, ମାତ୍ର ଏକଥା ସରକାର ଭୁଲି ଯାଆନ୍ତି ଯେ, ସେହି ସହରର ନିର୍ମାଣ ଓ ପରିଚାଳନାରେ ବସ୍ତିବାସିନ୍ଦାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ନିର୍ମାଣ ଶ୍ରମିକ, ରାଜମିସ୍ତ୍ରୀ, ପ୍ଲମ୍ବର, ବିଦ୍ୟୁତ୍ ମିସ୍ତ୍ରି, ଘରୋଇ ସହାୟକ, ରାସ୍ତାପାର୍ଶ୍ୱ ବ୍ୟବସାୟୀ, ରିକ୍ସା ଚାଳକ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ଅସଂଗଠିତ ଶ୍ରମଜୀବୀଙ୍କ ଶ୍ରମ ଉପରେ ସହରର ଦୈନନ୍ଦିନ ଜୀବନ ଅନେକାଂଶରେ ନିର୍ଭର କରେ। ସହରର ସେମାନେ ଜୀବନ ରେଖା କହିଲେ ଭୁଲ୍ ହେବ ନାହିଁ।

ସେମାନେ ନିଜ ଶ୍ରମ ଓ ଦକ୍ଷତା ଦ୍ୱାରା ସହରର ଉତ୍ପାଦନ ବ୍ୟବସ୍ଥା, ସେବା କ୍ଷେତ୍ର ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ଗତିଶୀଳ କରନ୍ତି। ସେମାନଙ୍କ ଶ୍ରମ ବିନା ସହରର ଅର୍ଥନୀତି ଓ ସାଧାରଣ ଜୀବନ ବ୍ୟବସ୍ଥା ସ୍ୱାଭାବିକ ଭାବେ ଚାଲିବା କଷ୍ଟକର।

ତେବେ ପ୍ରଶ୍ନ ହେଉଛି- ଯେଉଁ ଶ୍ରମଜୀବୀମାନେ ସହର ଗଢ଼ନ୍ତି, ସେହି ସହରରେ ସେମାନଙ୍କର ବଂଚିବା ପାଇଁ ଜାଗା ନାହିଁ କାହିଁକି ? ସହରର ବିକାଶରେ ଯେଉଁମାନଙ୍କର ଏତେ ବଡ଼ ଅବଦାନ, ସେମାନଙ୍କୁ ସହରର 'ଅଳିଆ' ବୋଲି ଚିତ୍ରଣ କରିବା କେତେଦୂର ନ୍ୟାୟସଙ୍ଗତ ?

ବସ୍ତିବାସିନ୍ଦା ସହରର ଅତିରିକ୍ତ ଜନସଂଖ୍ୟା ନୁହନ୍ତି ; ସେମାନେ ସହରର ଉତ୍ପାଦନ ଓ ସେବା ବ୍ୟବସ୍ଥାର ଅପରିହାର୍ଯ୍ୟ ଅଂଶ

ସହରରେ ଆବାସ ସଙ୍କଟ ପାଇଁ ଦାୟୀ କିଏ ?

ବସ୍ତି ଗଢ଼ିଉଠିବା ପଛରେ ଥିବା ମୂଳ କାରଣଗୁଡ଼ିକୁ ଅଣଦେଖା କରି କେବଳ ବସ୍ତିବାସିନ୍ଦାଙ୍କୁ ଦୋଷ ଦେବା ଏକପାଖିଆ ଦୃଷ୍ଟିଭଙ୍ଗୀ। ଏହା ପଛରେ ସହରୀକରଣ ଯୋଜନାର ତ୍ରୁଟି, ସୁଲଭ ଆବାସର ଅଭାବ, ଜମି ଓ ଘରର ଅତ୍ୟଧିକ ମୂଲ୍ୟ, ଆୟ ଓ ବାସଗୃହ ଖର୍ଚ୍ଚ ମଧ୍ୟରେ ବଢୁଥିବା ବ୍ୟବଧାନ ଏବଂ ଦୁର୍ବଳ ଶ୍ରେଣୀଙ୍କ ଆବାସ ଆବଶ୍ୟକତା ପ୍ରତି ଦୀର୍ଘକାଳୀନ ସରକାରୀ ଅବହେଳା ଭଳି ଅନେକ କାରଣ ରହିଛି।

ଯଦି ସହର ପାଇଁ କରାଯାଉଥିବା ଯୋଜନାର ପ୍ରାରମ୍ଭରୁ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଦୁର୍ବଳ ପରିବାରଙ୍କ ପାଇଁ ଯଥେଷ୍ଟ ଜମି ଓ ସୁଲଭ ଗୃହର ବ୍ୟବସ୍ଥା କରାଯାଇଥାନ୍ତା, ତେବେ ବସ୍ତି ପ୍ରସଙ୍ଗ ଆଜି ଭଳି ଗମ୍ଭୀର ରୂପ ନେଇନଥାନ୍ତା। ଓଡ଼ିଶାର ସହର ବିକାଶ ସମ୍ପର୍କିତ ଆଇନ ଓ ଯୋଜନାଗୁଡ଼ିକରେ ଦୁର୍ବଳ ଶ୍ରେଣୀଙ୍କ ଆବାସ ଆବଶ୍ୟକତାକୁ ପ୍ରାଥମିକତା ଦେବା ଆବଶ୍ୟକ।

ସହର ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ ୧୯୮୨ ଅନୁସାରେ ମାଷ୍ଟର ପ୍ଲାନରେ ଦଶ ଭାଗ ଜମି ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀ ପରିବାରଙ୍କ ବାସସ୍ଥାନ ପାଇଁ ସଂରକ୍ଷଣ ଲାଗି ବ୍ୟବସ୍ଥା ରହିଛି। ଯଦି ସହରର ଯୋଜନାରେ ଏହି ଆଇନ୍‌ଗତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଥାନ୍ତା, ତେବେ ବସ୍ତି ପ୍ରସଙ୍ଗ ଆଜି ଏତେ ଗମ୍ଭୀର ରାଜନୈତିକ-ସାମାଜିକ ପ୍ରସଂଗ ହୋଇନଥାନ୍ତା ଓ ହଜାର ହଜାର ପରିବାରଙ୍କୁ ଅନିଶ୍ଚିତ ଜୀବନ ଓ ବୁଲଡୋଜାର ଭୟ ମଧ୍ୟରେ ରହିବାକୁ ପଡ଼ିନଥାନ୍ତା।

ସମସ୍ୟାର ସମାଧାନ - ବୁଲଡୋଜର ନୁହେଁ

ବସ୍ତି ଉଚ୍ଛେଦ ନାମରେ ବୁଲଡୋଜର୍ ଚଳାଇ ଲୋକଙ୍କ ଘର ଭାଙ୍ଗିଦେବା ଦ୍ୱାରା ସହରର ଆବାସ ସଙ୍କଟର ସମାଧାନ ହୁଏ ନାହିଁ। ବରଂ ଏହା ଦାରିଦ୍ର୍ୟ, ବେକାରୀ, ଅସୁରକ୍ଷା ଓ ସାମାଜିକ ବିଷମତାକୁ ଆହୁରି ତୀବ୍ର କରିଥାଏ। ଦରିଦ୍ର ଙ୍କୁ ହଟେଇ ଦେଲେ ଦାରିଦ୍ର୍ୟ ହଟିଯାଏ ନାହିଁ !

ଗୋଟିଏ ଘର କେବଳ ଇଟା, ବାଲି ଓ ସିମେଣ୍ଟରେ ତିଆରି ହୋଇନଥାଏ। ସେହି ଘର ସହିତ ଜଡ଼ିତ ଥାଏ ଗୋଟିଏ ପରିବାରର ସ୍ୱପ୍ନ, ପିଲାମାନଙ୍କ ଭବିଷ୍ୟତ, ବର୍ଷ ବର୍ଷର ସଂଚୟ ଓ ଜୀବନର ଅସଂଖ୍ୟ ସ୍ମୃତି। ଘର ଭାଙ୍ଗିବାର ଅର୍ଥ କେବଳ ଗୋଟିଏ ନିର୍ମାଣକୁ ଭାଙ୍ଗିବା ନୁହେଁ; ଏହା ଅନେକ ସମୟରେ ଗୋଟିଏ ପରିବାରର ଜୀବନ ଓ ଜୀବିକାର ଭିତ୍ତିକୁ ଧ୍ୱଂସ କରିଦିଏ। ବିଶେଷକରି, ଯେଉଁ ଶ୍ରମଜୀବୀମାନେ କର୍ମସ୍ଥଳୀ ନିକଟରେ ରହି ଜୀବିକା ନିର୍ବାହ କରନ୍ତି, ସେମାନଙ୍କୁ ସହର ବାହାରକୁ ବିସ୍ଥାପିତ କରିଦେଲେ ଯାତାୟାତ ଖର୍ଚ୍ଚ ବଢ଼ିବ, କାମ ହରାଇବାର ଆଶଙ୍କା ସୃଷ୍ଟି ହେବ ଏବଂ ପିଲାମାନଙ୍କ ଶିକ୍ଷା ଓ ପରିବାରର ସ୍ୱାସ୍ଥ୍ୟସେବା ମଧ୍ୟ ପ୍ରଭାବିତ ହେବ।

ସହରକୁ ସୁନ୍ଦର କରିବାର ଅର୍ଥ ଗରିବଙ୍କୁ ସହରରୁ ଅଦୃଶ୍ୟ କରିଦେବା ନୁହେଁ। ପ୍ରକୃତ ସହରୀୟ ବିକାଶ ହେଉଛି ଏପରି ଏକ ବ୍ୟବସ୍ଥା ଗଢ଼ିବା, ଯେଉଁଠାରେ ସମସ୍ତେ ମର୍ଯ୍ୟାଦାର ସହିତ ବଂଚିପାରିବେ।

ଆଇନଗତ ଅଧିକାର ଓ ସରକାରୀ ନୀତିର ପ୍ରଶ୍ନ

ଓଡ଼ିଶାରେ ବସ୍ତିବାସିନ୍ଦାଙ୍କ ପୁନର୍ବାସ ଓ ଜମି ଅଧିକାର ପ୍ରଶ୍ନକୁ ନେଇ ଦୀର୍ଘବର୍ଷ ଧରି ଆନ୍ଦୋଳନ ଚାଲିଆସିଛି। ୧୯୮୮ ମସିହା ଡିସେମ୍ବର ୧୯ ତାରିଖ ରେ ବଳପୂର୍ବକ ଭୁବନେଶ୍ୱର ସତ୍ୟନଗର ବସ୍ତି ଭଙ୍ଗା ବେଳେ ପ୍ରତିରୋଧ ସଂଗ୍ରାମ ଓ ପୋଲିସ ଗୁଳି ଚାଳନା ଭଳି ଅଭାବନୀୟ ଘଟଣା କ୍ରମର ଉଦାହରଣ ରହିଛି। ବିଭିନ୍ନ ସମୟରେ ବସ୍ତିବାସିନ୍ଦାଙ୍କ ବଳପୂର୍ବକ ବସ୍ତି ଭଙ୍ଗା ବିରୁଦ୍ଧରେ ସଂଗ୍ରାମ ହୋଇଛି। ସଂଗ୍ରାମର ପରିଣାମସ୍ୱରୂପ ଓ ରାଜନୈତିକ ବାଧ ବଧକତା ଯୋଗୁଁ ବସ୍ତିବାସିନ୍ଦାଙ୍କ ନିମନ୍ତେ ଆଇନଗତ ବ୍ୟବସ୍ଥା ଓ ନୀତିଗତ ପଦକ୍ଷେପ ଗ୍ରହଣ କରାଯାଇଛି।

୨୦୦୩ ମସିହାରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ ସହ ଜଡ଼ିତ ବସ୍ତିବାସିନ୍ଦାଙ୍କ ପୁନର୍ବାସ ବ୍ୟବସ୍ଥା, ୨୦୧୭ ମସିହାର ଜମି ଅଧିକାର ସମ୍ପର୍କିତ ଆଇନଗତ ପଦକ୍ଷେପ ଏବଂ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନର ଅଧ୍ୟାୟ XXIରେ ୨୦୨୨ ମସିହାରେ ହୋଇଥିବା ସଂଶୋଧନକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଜମି ଓ ଏ ସମ୍ପତ୍ତି ଅଧିକାରର ଆଶା ସୃଷ୍ଟି ହୋଇଥିଲା।

ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର (Land Rights Certificate ବା LRC) ପ୍ରଦାନ କରାଯାଇଥିଲା। ଅବଶ୍ୟ ଏଥିରେ ରାଜନୀତିକ ଇଚ୍ଛା ଶକ୍ତି କମ୍ ଓ ପ୍ରଚାର୍ ଅଧିକ ଥିଲା। ଯାହା ଫଳରେ ଏହି ଆଇନ ସଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ରାଜ୍ୟରେ ସରକାର ବଦଳିବା ପରେ

ଲଗାତର ଆନ୍ଦୋଳନ ଚାପ ଯୋଗୁ ସରକାର ଆଇନ ପ୍ରଣୟନ କରିବାକୁ ବାଧ ହୋଇଥିଲେ ମଧ୍ୟ ଜମି ଅଧିକାର ପ୍ରଦାନ ଓ ପୁନର୍ବାସ ସମ୍ପର୍କିତ ଆଇନଗତ ବ୍ୟବସ୍ଥାଗୁଡ଼ିକୁ ଇଚ୍ଛାକୃତ ଭାବରେ ଠିକଭାବେ କାର୍ଯ୍ୟକାରୀ କରାଯାଇ ନ ଥିଲା। ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ସହିତ ପ୍ରଶାସନିକ ନାଲିଫିତା ଏ କ୍ଷେତ୍ରରେ ବଡ ବାଧକ ଥିଲା। କିନ୍ତୁ ଏହା ସହିତ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନକୁ ନେଇ ରାଜନୈତିକ ପ୍ରଚାର୍ ବେଶ୍ ଦେଖାଦେଇଥିଲା। ଗୋଟିଏ ପଟେ ସେତେବେଳର ବିଜେଡି ସରକାର ଏହାକୁ ବିଶ୍ୱର ସର୍ବ ବୃହତ୍ ବସତି ଯୋଜନା ବୋଲି ଡଣ୍ଡିମ୍ ପିଟୁଥିବା ବେଳେ ବିଜେପି ଦଳ ଏହାକୁ 'ଫେକ୍ ପଟ୍ଟା' ବୋଲି କହୁଥିଲା। ସ୍ଥାୟୀ ପଟ୍ଟା ପ୍ରଦାନର ନିର୍ବାଚନୀ ପ୍ରତିଶ୍ରୁତି ବିଜେପି ପକ୍ଷରୁ ଦିଆଯାଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ, ନୂଆ ସରକାର୍ ବସ୍ତିବାସିନ୍ଦାଙ୍କ ପ୍ରତି ବିଶ୍ୱାସ ଘାତକତା କରିଛି। ଆବାସ ସୁରକ୍ଷା ଓ ଜମି ଅଧିକାର ସମ୍ପର୍କିତ ଯାହା ବି ଆଇନ୍ ଅଛି ତାହାକୁ ଅଧିକ ସବଳ କରିବା ପରିବର୍ତ୍ତେ ଅଘୋଷିତ ଭାବରେ ଅଚଳ କରିଦିଆଯାଇଛି।

ଜମି ପ୍ରମାଣପତ୍ର ସମ୍ବନ୍ଧୀୟ ସବୁ ତଥ୍ୟକୁ ଅତ୍ୟନ୍ତ ଗୋପନୀୟ ରଖାଯାଇଛି

ରାଜ୍ୟ ବିଜେପି ସରକାର ସହ ମହାନଗର ପ୍ରଶାସନ ଓ ସହର ଯୋଜନା ସହିତ ସଂପୃକ୍ତ ଅନ୍ୟ ସଂସ୍ଥା ମାନେ ମଧ୍ୟ ବସ୍ତି ବାସିନ୍ଦାଙ୍କ ହାତକୁ ଜମି ଟେକି ଦେବା ନୀତି ବିରୁଦ୍ଧରେ ପୁରା ସକ୍ରିୟ ହୋଇଉଠିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାର ଓ ପ୍ରଶାସନ ସାଧାରଣ ମଣିଷ ହାତରୁ ଜମି ଛଡେଇ ନେଇ, ବଳପୂର୍ବକ ବିସ୍ଥାପନ କରି ଖଣି ଖାଦାନ ଏବଂ ନିଯୁକ୍ତି ସମ୍ଭାବନା ନଥିବା ବୃହତ୍ ପୁଞ୍ଜିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରୁଛି ଏବଂ ଏହାକୁ ବିରୋଧ କରୁଥିବା ଲୋକଙ୍କୁ ବିକାଶ ବିରୋଧୀ ବୋଲି ଅବିହିତ କରାଯାଉଛି। ଠିକ ସେହିଭଳି ସଧାରଣ ବସ୍ତି ବାସିନ୍ଦାଙ୍କୁ ପରିବାର ପିଛା ତିନିଶହ ତେଇଶ ବର୍ଗଫୁଟ ଜମି ପ୍ରଦାନ ବିକାଶ ବିରୋଧୀ

(ଅବଶିଷ୍ଟାଂଶ ୬ମ ପୃଷ୍ଠାରେ)

ପାର୍ବଣରେ . . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

୪ଟଙ୍କା ବୃଦ୍ଧି ହୋଇଛି। ବିଭିନ୍ନ ଦୁଗ୍ଧ କମ୍ପାନୀମାନେ ମଧ୍ୟ ଅନୁରୂପ ଦରବୃଦ୍ଧି କରିଛନ୍ତି। ପରିବା ବଜାରରେ ଏମିତି ନିଆଁ ଲାଗିଛି ଯେ, ସାଧାରଣ ଲୋକ ପରିବାରେ ହାତ ମାରିପାରୁନି। ମଧ୍ୟବିତ୍ତ ଲୋକ ଖୁବ ହିସାବ କରି ସାମାନ୍ୟ ପରିମାଣରେ ଯାହା କିଛି କିଣୁଛି। ଗରିବ ଲୋକର ଭାତ ଥାଳି ପାଖରୁ ତିଅଣ ଗିନା ଉଠିଗଲାଣି। ବଜାରରୁ ଚାଉଳ କିଣି ଖାଇବା କି କଷ୍ଟକର ଲୋକେ ତା ଅଙ୍ଗେ ନିଭାଉଛନ୍ତି। ଯେଉଁମାନେ ସରକାରୀ ଚାଉଳ ପାଉଛନ୍ତି ସେମାନଙ୍କ ପୁରା ପରିବାର ଦୁଇବେଳା ପେଟପୁରା ଖାଇ ବଂଚିବା ସମ୍ଭବ ନୁହେଁ। ଏଣେ ମାଗଣା ଚାଉଳ ତେଣ ମହଙ୍କା ଚାଉଳ, ମାଗଣା ଚାଉଳ ଦେବା କଥା କହି ଲୋକଙ୍କୁ ଭୁଆଁ ବୁଲା ଚାଲିଛି। ମାଗଣା ଚାଉଳ କଥାଟି ଭୁଲ୍। କାରଣ ଲୋକଙ୍କ ପଇସାରେ ହିଁ ସରକାର ବଜାରରୁ ଚାଉଳ କ୍ରୟ କରନ୍ତି, ବିଜେପି ଦଳ ବା କୌଣସି ଦଳର ଦଳୀୟ ପାଣ୍ଠିରୁ ନୁହେଁ। ତେଣୁ ବିଜେପି ଦଳ ବା ବିଜେଡି ଦଳ ବା ଅନ୍ୟକୌଣସି ଦଳ ମାଗଣା ଚାଉଳ ଦେଉଛି, ତା' ନୁହେଁ। ଅନ୍ୟପଟରେ ପ୍ରତିବର୍ଷ ପରି ଯେଉଁ ଚାଷୀ ୨ଟଙ୍କା, ୫ଟଙ୍କାରେ ଟମାଟର ବିକିଥିଲା, ସେ ଆଜି ଟମାଟର ୬୦,୭୦ଟଙ୍କା କେଜିରେ କିଣିବାକୁ ସାହସ କରିପାରୁନି। ପିଆଜ, ଅଦା, ରସୁଣର ଦରବୃଦ୍ଧି ତ ଆଉ ଆକାଶ ଛୁଆଁ ନୁହେଁ, ମହାକାଶ ଛୁଆଁ। ଛୋଟିଆ ଲେମ୍ବୁଟିଏର ଦାମ ବି ୧୦ଟଙ୍କା, ରୋଗୀଟିଏ ପାଇଁ ସାମାନ୍ୟ ଲେମ୍ବୁଟିଏ ବି ମିଳୁନି। ଆପେଲ, ଅଙ୍ଗୁର, ନାସପାତି ତ ବଡ ଲୋକଙ୍କ ଫଳ! ଏହାରି ଭିତରେ ଅତି ନିରବରେ ଘରୋଇ ତୈଳ ଓ ଗ୍ୟାସ କମ୍ପାନୀ ନାୟାରା ଏବଂ ଜିଓ-ବିପି ଉଭୟ ପେଟ୍ରୋଲ ଦର ଲିଟର ପିଛା ୫ଟଙ୍କା ଓ ଡିଜେଲ ଦର ଲିଟର ପିଛା ୩ଟଙ୍କା ବୃଦ୍ଧି କରିଛି। ଏହି ଦରବୃଦ୍ଧି ଅକ୍ଟୋବର ୧୧ତାରିଖ ସକାଳ ୬ଟାରୁ କାର୍ଯ୍ୟକାରୀ ହୋଇଛି। ପୂର୍ବରୁ କୌଣସି ସୂଚନା ନାହିଁ। ହଠାତ୍ ସକାଳୁ ଗ୍ରାହକମାନଙ୍କ ଉପରେ ଏହି ବଜ୍ରପାତ। ଏହାପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ବି ଦର ବଢେଇବେ ତା'ର ଆଭାସ ମିଳିଗଲାଣି। ତେଣୁ ପରିବହନ ଖର୍ଚ୍ଚ ଦରଦାମ ବୃଦ୍ଧି ନିଆଁରେ ଆହୁରି ଘିଅ ଢାଳି ଦେଇଛି। ଅନ୍ୟପଟରେ ଲୋକଙ୍କ ଯାତାୟତ ଖର୍ଚ୍ଚ ବି ଦିନକୁ ଦିନ ବଢି ବଢି ଚାଲିଛି। ସରକାରୀ ଘୋଷିତ ଭଡାଠୁ ବି ଘରୋଇ ବସମାଲିକ ମାନେ ମନଇଚ୍ଛା ଭଡା ଆଦାୟ କରୁଛନ୍ତି। ସରକାରଙ୍କ ପରିବହନ ବିଭାଗ ଖାଲି ଆଖି ବୁଜି ଦେଇନି, ଏହାକୁ ପ୍ରଶ୍ରୟ ଦେଇଚାଲିଛି। ପୂଜା ସମୟରେ ତ ଯାତ୍ରୀମାନଙ୍କ ପାଖରୁ ଭଡା ଆଦାୟ ନାଁରେ ଲୁଟତରାଜ ଚାଲେ।

ବିଜେପିର ଡବଲ ଇଂଜିନ ସରକାର ଶାସିତ ଓଡିଶା ଭାରତର ଦ୍ୱିତୀୟ ମହଙ୍ଗା ବଜାର। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗତ ସେପ୍ଟେମ୍ବର ମାସରେ ଖୁଚୁରା ମୁଦ୍ରସ୍ଫିତି ୬% ପାର କରି ୬.୭% ଛୁଇଁଛି। ଏହା ଜାତୀୟ ମୁଦ୍ରସ୍ଫିତି ହାର ୫.୫୪% ରୁ ୧.୧୬% ଅଧିକ। ଅଗଷ୍ଟ ମାସରୁ ଉପରମୁହାଁ ଥିବା ମୁଦ୍ରସ୍ଫିତି ବଢି ବଢି ଚାଲିଛି। ଏହାର ଅର୍ଥ, ଟଙ୍କାର ମୂଲ୍ୟ କମୁଛି। ସମାନ ପରିମାଣର ଜିନିଷ କିଣିବା ପାଇଁ ପୂର୍ବ ତୁଳନାରେ ଅଧିକ ଟଙ୍କା ବ୍ୟୟ କରିବାକୁ ପଡୁଛି। କିନ୍ତୁ ଲୋକଙ୍କ ପକେଟକୁ ଅଧିକ ଟଙ୍କା ଆସୁନି ବରଂ ଟଙ୍କା କମି କମି ଯାଉଛି। କାରଣ ବି ଜଣା। ନା କାମ ମିଳୁଛି, ନା କୌଣସି ସ୍ଥାୟୀ ରୋଜଗାର ଅଛି, ନା ଯେଉଁମାନଙ୍କର କିଛି ରୋଜଗାର ଅଛି, ସେଠି ମିଳୁଥିବା ପଇସା ବଢୁଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ଅନୁସାରେ ନିତ୍ୟବ୍ୟବହାର୍ଯ୍ୟ ତଥା ଖାଦ୍ୟ ସାମଗ୍ରୀର ମୁଦ୍ରସ୍ଫିତି ସର୍ବାଧିକ। ରକେଟ ଗତିରେ ଏହା ବୃଦ୍ଧି ପାଇ ଚାଲିଛି। ସେପ୍ଟେମ୍ବର-ଅକ୍ଟୋବର ମାସରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫିତି ୫.୯୭ ପ୍ରତିଶତରୁ ୭.୯୪ ପ୍ରତିଶତକୁ ବୃଦ୍ଧି ପାଇଛି। ଅଗଷ୍ଟ ମାସରେ ଯାହା ଥିଲା ୫.୯୭ ପ୍ରତିଶତ। ତେବେ ଲକ୍ଷଣୀୟ ବିଷୟ ହେଲା, ଗ୍ରାମାଂଚଳରେ ଖାଦ୍ୟ ସମାଗ୍ରୀର ଦରଦାମ ବୃଦ୍ଧି ଅଧିକ। ଅନ୍ୟଦିଗରେ କଂଜ୍ୟୁମର ଫୁଡ୍ ପ୍ରାଇସ୍ ଇଣ୍ଡେକ୍ସ ବା ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ(ସି.ଏଫ୍.ପି.ଆଇ) ୧୦୮.୭୪ ପ୍ରତିଶତରୁ ବୃଦ୍ଧି ପାଇ ୧୦୯.୪୯ ପ୍ରତିଶତରେ ପହଞ୍ଚିଛି। ବିଶେଷକରି ୪ଟି ଖାଦ୍ୟ ସାମଗ୍ରୀ ପିଆଜ, ରସୁଣ, ଅଦା ଓ ଲେମ୍ବୁରେ ମୁଦ୍ରାସ୍ଫିତି ସର୍ବାଧିକ ୧୦୮.୦୯ ପ୍ରତିଶତ। ସେପ୍ଟେମ୍ବର ଶେଷ ସପ୍ତାହରୁ ଚିନି ୧୦.୧୬ ପ୍ରତିଶତ, କ୍ଷୀର ୬.୧୭ ପ୍ରତିଶତ, ଡାଲି ୪.୬୮ ପ୍ରତିଶତ, ଅଟା ୬.୬୭ ପ୍ରତିଶତ ମହଙ୍ଗା ହୋଇଛି। ବ୍ୟବସାୟୀମାନେ ମଧ୍ୟ ସୂଚନା ଦେଲେଣି, ଆଗକୁ ଏହା ଆହୁରି ବୃଦ୍ଧି ପାଇବ। ରାଜ୍ୟ ବ୍ୟବସାୟୀ ସଂଘ ସତ କଥାଟିଏ କହିଛି, ବର୍ତ୍ତମାନ ପୁରା ବଜାରକୁ ବୃହତ କର୍ପୋରେଟ ସଂସ୍ଥାମାନେ ନିୟନ୍ତ୍ରଣ କରୁଛନ୍ତି। ଏହି ବୃହତ କର୍ପୋରେଟମାନେ କିଏ? ସେମାନେ ହେଲେ ଏକଚାଟିଆ ପୁଞ୍ଜିପତି। ବଜାର ବିଶେଷକରି ଖାଦ୍ୟ ବଜାରର କେନ୍ଦ୍ରୀକରଣ ବୃଦ୍ଧିପାଇଛି। ଅର୍ଥାତ୍ ଦେଶର ସମଗ୍ର ଖାଉଟି ବଜାର ମୁଷ୍ଟିମେୟ ଏକଚାଟିଆ ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣକୁ ଚାଲିଯାଇଛି। ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କର କୌଣସି ପ୍ରତିକ୍ରିୟା ଏପର୍ଯ୍ୟନ୍ତ ଶୁଣିବାକୁ ମିଳିନି। ତେବେ ଗତବର୍ଷ ଦରବୃଦ୍ଧି ସମୟରେ ଅଳ୍ପ ଖାଇ ସଂସାର ଚଳାଇବାକୁ ସେ ପରାମର୍ଶ ଦେଇଥିଲେ। ଯେମିତି ପିଆଜର ଅହେତୁକ ଅସ୍ୱାଭାବିକ ଦରବୃଦ୍ଧି ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିଜେ ନିରାମିଶ ଖାଆନ୍ତି, କେବେ ପିଆଜ କିଣନ୍ତିନି, ଲୋକେ ବି ତାଙ୍କୁ ଅନୁକରଣ କରିବାକୁ ପାର୍ଲିଆମେଣ୍ଟ ଭିତରେ ହିଁ ଅତି ନିର୍ଲଜ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ। ସାଧାରଣ ଲୋକଙ୍କ ପ୍ରତି ଏହା କ୍ରୁର ଉପହାସ ଛଡା କ'ଣ ହୋଇପାରେ? ତେବେ ୨୦୧୪ରେ ତତ୍କାଳୀନ କଂଗ୍ରେସ ପରିଚାଳିତ ଉପା ସରକାର ସମୟରେ ଦରଦାମ ବୃଦ୍ଧିରେ ଅତିଷ୍ଠ ଜନସାଧାରଣଙ୍କୁ ବିଜେପି ଆଶାପୂର୍ଣ୍ଣ ମନଲୋଭା ପ୍ରତିଶୃତି ଦେଇଥିଲା। 'ବହତ ହୁଆ ମହଙ୍ଗାଇ କା ମାର, ଅବକି ବାର ମୋଦି ସରକାର'। ଆଉ ସରକାରକୁ ଆସିଲା ପରେ ଜନଗଣଙ୍କ ପ୍ରତି ଏହିଭଳି ଉପହାସପୂର୍ଣ୍ଣ ମନ୍ତବ୍ୟ ଦେଇ ଚାଲିଛନ୍ତି। ବିଜେପି ଦଳର କିଛି ନେତା ମନ୍ତ୍ରୀ ତଥା ତାଙ୍କର ବୋଲକରା ବୁଦ୍ଧିଜୀବୀ ସେହି 'ଯୋଗାଣ-ଚାହିଦା'(Demand & Supply) ତତ୍ତ୍ୱର ଦ୍ୱାହି ଦେଉଛନ୍ତି। ଯୋଗାଣ କମ ଅଛି, ଚାହିଦା ଅଧିକ। ତେଣୁ ଦରବୃଦ୍ଧି ସ୍ୱାଭାବିକ, ଏହାକୁ ସହିନେବାକୁ ହେବ। ଯୋଗାଣ ବଢିଲେ ଦର କମିବ। ଏହାର ଅର୍ଥ ହେଲା, ଯେତେବେଳେ ଚାଷୀ ଉତ୍ପାଦନ କରିବ, ବଜାରରେ ଆଳୁ ପିଆଜ ଟମାଟର ଭଳି କୃଷିଜାତ ଦ୍ରବ୍ୟ ପ୍ରଚୁର ପରିମାଣରେ ଆସିବ, ସେତେବେଳେ ଶସ୍ତା ହେବ। ତେବେ ଏହା ସମସ୍ତଙ୍କୁ ଜଣା, ଦିନେ ଦୁଇଦିନ ବଜାର ଶସ୍ତା ହୁଏ। କରଜ କରି ବନ୍ୟା, ବାତ୍ୟାକୁ ସାମ୍ନାକରି, ଗାଈ ଗୋରୁ ତଥା ଜଙ୍ଗଲୀ ଜାନୁଆର ସହିତ ସଂଘର୍ଷ କରି ଫଳାଇଥିବା ଫସଲକୁ ଚାଷୀ ଅଦର ଦରରେ କାନ୍ଦି କାନ୍ଦି ବଜାରରେ ବିକ୍ରୀ କରେ। ସାଧାରଣ ଲୋକ କେତେ ବା କିଣିବେ? ବଡ ବଡ ପୁଞ୍ଜିପତିଙ୍କ ଗୋଦାମକୁ ସମସ୍ତଙ୍କ ଆଖି ଆଗରେ ସବୁ ଚାଲିଯାଏ। ସେମାନଙ୍କ ମୁହଁରେ ହସ ଫୁଟେ। ଚାଷୀ କାନ୍ଦି କାନ୍ଦି ମରେ। କେତେବେଳେ ନିଜେ ତ କେତେବେଳେ ସପରିବାର ଆତ୍ମହତ୍ୟା କରେ। ବିଜେପି ଦଳ ରାଜ୍ୟର ସରକାରୀ କ୍ଷମତାକୁ ଏକକ ଭାବେ ଆସିବା ପୂର୍ବରୁ ୨୦୨୪ରେ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା, ସମସ୍ତ ବ୍ଲକ୍‌ରେ ସରକାରୀ ଶୀତଳ ଭଣ୍ଡାର ନିର୍ମାଣ ହେବ, ଚାଷୀମାନେ ସେଠି ସୁଲଭ ମୂଲ୍ୟରେ ନିଜର କୃଷି ଜାତ ଦ୍ରବ୍ୟ ଗଚ୍ଛିତ ରଖିପାରିବେ। ଚାଷୀ ଶୋଷଣ ବନ୍ଦ ହେବ। ଡବଲ ଇଂଜିନ ସରକାର ତ ୩ବର୍ଷ ପୂରଣ କରିବାକୁ ଯାଉଛି। ୩୦ଟା ଛାଡନ୍ତୁ, ୩ଟି ବ୍ଲକ୍‌ରେ ଶୀତଳ ଭଣ୍ଡାର ହୋଇଛି କି?

ତେଣୁ ପାର୍ବଣ ଋତୁରେ ବିଜେପି ଦଳ ଓ ଏହାର ନେତାମାନେ, ସରକାରରେ ଥିବା ମନ୍ତ୍ରୀମାନେ ଯେତେ ଦୁର୍ଗା, ଲକ୍ଷ୍ମୀଙ୍କ ମୂଲ୍ୟବାନ ପେଣ୍ଡାଲ ଆଗରେ ଧର୍ମର ବାଣୀ ଶୁଣାଇଲେ ବି ଏମାନଙ୍କ ପ୍ରକୃତ କର୍ମ କାହାରିକୁ ଅଛପା ନାହିଁ। ଲୋକେ ତ ବୁଝୁଛନ୍ତି। ପର୍ବବେଳେ ସେମାନେ ଯା' ହେଲେ ବି, ଧାର କରଜ କରି ପଛେ ହେଉ ବଜାରରୁ ଅଧିକ କିଛି କିଣିବେ, ବଜାରରେ ମିଠା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଚାହିଦା ବଢିବ। ଏହି ସମୟ ହେଉଛି ଲୋକଙ୍କ ପକେଟକାଟି କମ୍ପାନୀଙ୍କର ପକେଟ ଭରିବାର ପ୍ରକୃଷ୍ଟ ସମୟ। ସବୁବେଳେ ତ ଲୁଟ ଚାଲେ କିନ୍ତୁ ପର୍ବପର୍ବାଣୀ ସମୟରେ ଲୁଟର ଅପୂର୍ବ ସୁଯୋଗ ଆସିଥାଏ। ଏହାକୁ କଣ ହାତଛଡା କରାଯାଇପାରେ? ଡବଲ ଇଂଜିନ ସରକାର ଏହ କମ୍ପାନୀମାନଙ୍କ ଦୟାରେ ତ କ୍ଷମତାକୁ ଆସିଛି। ଏ ତ ଲୋକଙ୍କ ସରକାର ନୁହେଁ, ଲୋକଙ୍କ କଥା ବୁଝିବ? ଧର୍ମ ଫର୍ମ ସବୁ ତ ସେହି ଭୋଟ ପାଇଁ। କମ୍ପାନୀକୁ ସୁରକ୍ଷା ଦେବାପାଇଁ, ଗରିବଙ୍କୁ ଲୁଟି ସେମାନଙ୍କ ଲାଭର ପାହାଡ ବୃଦ୍ଧି କରିବା ପାଇଁ ଯେ ଏମାନଙ୍କ ଏକମାତ୍ର ଲକ୍ଷ୍ୟ। ଏହି ବେଲଗାମ ଦରବୃଦ୍ଧି ସରକାରଙ୍କ ସେହି କମ୍ପାନୀ ତୋଷଣ, ଗରୀବ ମାରଣ ନୀତିର ହିଁ ନମୂନା। ତେଣୁ କିଛି ସଚେତନ ଲୋକ କହୁଛନ୍ତି। ଏହା ହେଲା ପାର୍ବଣ ଶୋଷଣ। ପାର୍ବଣର ଶରଦରେ ମହଙ୍ଗା ମାଡ। ★★★

ରାଜ୍ୟରେ ପୁଞ୍ଜି ଲଗାଣର ବର୍ଷା ଓ ନିଯୁକ୍ତିର ଜୁଆର - ଦାବି ବନାମ ବାସ୍ତବତା

ନିକଟ ଅତୀତରେ ଦୁବାଇରୁ ପୁଞ୍ଜି ଆମନ୍ତ୍ରଣ କରି ଫେରିବା ପରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଦେଲେ ଯେ ତାଙ୍କର ଦୁଇବର୍ଷ ଶାସନ କାଳ ଭିତରେ ସେ ଓଡିଶାକୁ ୨୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆଣିପାରିଛନ୍ତି। ଏ ନେଇ ମୁଖ୍ୟ ଧାରାର ସମ୍ବାଦ ସଂସ୍ଥା ଗୁଡିକ ମଧ୍ୟ ବଡବଡ କରି ଲେଖିଲେ। ୨୨.୫ ଲକ୍ଷ କୋଟି ଟଙ୍କାକୁ ଅଙ୍କରେ ଲେଖିବା ସାଧାରଣ ଲୋକ ପକ୍ଷରେ କଷ୍ଟକର (୨୨,୫୦,୦୦,୦୦,୦୦,୦୦୦ଟଙ୍କା)। ଅସମ୍ଭବ ଦେଖାଯାଉଥିବା ଏହି ସଂଖ୍ୟା ଚଳିତ ବର୍ଷର ରାଜ୍ୟ ବଜେଟର ପ୍ରାୟ ୭ ଗୁଣ। ସମ୍ବାଦ ପତ୍ର ପଢୁଥିବା ସାଧାରଣ ଲୋକଟିଏ ସ୍ୱାଭାବିକ ଭାବେ ଆଚମ୍ବିତ ହୋଇ ଭାବିପାରେ, ଏହା ପରେ ବୋଧେ ଓଡିଶା ଘିଅ ମହୁରେ ଭାସିବ, ଓଡିଶାର କର୍ମକ୍ଷମ ଯୁବକ ଯୁବତୀମାନେ ଆଉ ବେକାର ବସିବେ ନାହିଁ, ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବେ ନାହିଁ, ଯେଉଁଠୁ ଶବ ହୋଇ ଫେରିଆସିବାର ଯଥେଷ୍ଟ ସମ୍ଭାବନା ଥାଏ।

ତେବେ ମୁଖ୍ୟମନ୍ତ୍ରୀଙ୍କର ଏହି ଘୋଷଣା କେତେ ବାସ୍ତବ ଓ କେତେ ଧୂଆଁ ବାଣ? ବଡ ବଡ ସଂଖ୍ୟାକୁ ନେଇ ଗତ ବାର ବର୍ଷ ହେଲାଣି କେନ୍ଦ୍ରରେ ବିଜେପି ସରକାର ଯେମିତି ବାହାଙ୍କୋଟ ମାରୁଛନ୍ତି ଭାରତ ପୃଥିବୀର ତୃତୀୟ ସର୍ବ ବୃହତ ଅର୍ଥନୀତି ହେଇଗଲା କିମ୍ବା ଭାରତର ଅର୍ଥନୈତିକ ଉନ୍ନତିର ହାର ୭.୮% ଇତ୍ୟାଦି ଇତ୍ୟାଦି, ଏବଂ ବାରମ୍ବାର ଯାହା ଅସାର ବୋଲି ପ୍ରତିପାଦିତ ହେଉଛି। ସେହି ଦୃଷ୍ଟିରୁ ରାଜ୍ୟର ବିଜେପି ସରକାରଙ୍କର ଦମ୍ଭୋକ୍ତିରେ କେତେ ସତ୍ୟତା ରହିଛି ତା ଦେଖିବାର ଅଛି।

ଶାସନକୁ ଆସିଲା ପରେ ମୁଖ୍ୟମନ୍ତ୍ରୀ ଦୈନନ୍ଦିନ ପ୍ରଶାସନ ବୁଝିବା ଅପେକ୍ଷା ହୁଏତ ତାଙ୍କୁ ଅନୁଗ୍ରହ କରିଥିବା ବ୍ୟକ୍ତିମାନଙ୍କର ନିର୍ଦ୍ଦେଶ ଆଣିବାକୁ ଦିଲ୍ଲୀରେ ଡେରା ପକାଉଛନ୍ତି, ନହେଲେ ଭୁବନେଶ୍ୱରଠୁ ଆରମ୍ଭ କରି ଦୁବାଇ ପର୍ଯ୍ୟନ୍ତ ପୁଞ୍ଜି ଆକର୍ଷଣ କରିବାକୁ କରଦାତାମାନଙ୍କର ଅର୍ଥ ଶ୍ରାଦ୍ଧ କରି ଚକ୍କର କାଟୁଛନ୍ତି। ଗତ ଦୁଇବର୍ଷ ଭିତରେ ଉତ୍କର୍ଷ ଓଡିଶା ମେଳା, ରୋଡ୍ ଶୋ ଇତ୍ୟାଦି ଦେଶ ବିଦେଶରେ ଆୟୋଜନ ହେଇସାରିଲାଣି। ଏହା ଭିତରେ ପୁଞ୍ଜି ଆକର୍ଷଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଭୁବନେଶ୍ୱର, ରାଉରକେଲା, କଲିକତା, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମଦାବାଦ, ବରୋଦା, ମୁମ୍ବା, ସିଙ୍ଗାପୁର ଓ ଦୁବାଇରେ ଆୟୋଜିତ ହେଇ ସାରିଲାଣି। ଏତେ ଘନ ଘନ କାର୍ଯ୍ୟକ୍ରମରେ କିଛି ପୁଞ୍ଜିପତି (ଯେଉଁମାନଙ୍କର ବିଜେପି ସହ ନିକଟ ସମ୍ପର୍କ ଅଛି) ବାରମ୍ବାର ନିଜର ପୁଞ୍ଜି ନିବେଶର ଘୋଷଣା କରୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଯଥାରୀତି ସେଇ ସବୁ ପୁଞ୍ଜିନିବେଶର ଅଙ୍କକୁ ଯୋଡି, ପୁଞ୍ଜିନିବେଶର ବଡ ଅଙ୍କକୁ ଜନସାଧାରଣଙ୍କ ସାମ୍ନାରେ ଉପସ୍ଥାପିତ କରି ନିଜର କର୍ମଦକ୍ଷତାକୁ ପ୍ରମାଣ କରିବାକୁ ନିଷ୍ଫଳ ଚେଷ୍ଟା କରିଚାଲିଛନ୍ତି। ମଜା କଥା ହେଲା ବିଦେଶ ଯାଇ ଅର୍ଥ ଶ୍ରାଦ୍ଧ କରି ଦେଶୀ ପୁଞ୍ଜିପତି ମାନଙ୍କ ସହ ରାଜିନାମା ସ୍ୱାକ୍ଷର କରାଚାଲିଛି। ଏଥିରେ ଅବଶ୍ୟ ଆଶ୍ଚର୍ଯ୍ୟ ହେବାର କଛି ନାହିଁ। ପାଠକମାନଙ୍କର ମନେଥିବ, ନିକଟ ଅତୀତରେ ସ୍ୱିଜରଲାଣ୍ଡର ଡାଭୋସ୍ ସହରରେ, ବିଶ୍ୱ ଅର୍ଥନୈତିକ ମଂଚ ବା ୱାର୍ଲଡ ଇକୋନୋମିକ ଫୋରମର ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଓ କିଛି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସରକାରୀ ଖର୍ଚ୍ଚରେ ଦେଶୀ ପୁଞ୍ଜିପତିମାନଙ୍କୁ ଡାଭୋସ୍ ନେଇ, ସେଠି ପୁଞ୍ଜିନିବେଶର ରାଜିନାମା ସ୍ୱାକ୍ଷର କରେଇ ବାହାବା ନେବାକୁ ଅପଚେଷ୍ଟା କରିଥିଲେ। ଓଡିଶାର ମୁଖ୍ୟମନ୍ତ୍ରୀ ବୋଧ ହୁଏ ଏହା ଦ୍ୱାରା ଅନୁପ୍ରାଣିତ ହେଇଛନ୍ତି, ନହେଲେ ଦୁବାଇରେ ଆଦାନି ସହ ଚୁକ୍ତିବଦ୍ଧ ହେବାର କୌଣସି କାରଣ ନାହିଁ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

ଏଆଇଏମ୍‌ଏସ୍‌ଏସ୍ ଉଦ୍ୟୋଗରେ ବିଭିନ୍ନ ସ୍ଥାନରେ ସମ୍ମିଳନୀ

ଦେଶର ସାମ୍ପ୍ରତିକ ପରିସ୍ଥିତି ଏବଂ କ୍ରମବର୍ଦ୍ଧମାନ ନାରୀ ଓ ଶିଶୁ ନିର୍ଯ୍ୟାତନା ବନ୍ଦ କରିବା, ଶିଶୁ ଓ ନାରୀର ସୁରକ୍ଷା ସୁନିଶ୍ଚିତ କରିବା, ଭୋଟ ଅଧିକାର ଖର୍ବ, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ, ଦରଦାମ ବୃଦ୍ଧି, ସ୍କିମ ଶ୍ରମିକଙ୍କ ସମସ୍ୟା ତଥା ସମସ୍ତ ପ୍ରକାର ଅପସଂସ୍କୃତି, ଅଶ୍ଳୀଳତା, ମଦ ଓ ମାଦକ ଦ୍ରବ୍ୟର ପ୍ରସାର ବିରୁଦ୍ଧରେ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସୁନ୍ଦରଗଡଠାରେ ୪ର୍ଥ ଜିଲ୍ଲା ସମ୍ମିଳନୀ



ଅକ୍ଟୋବର ୪ତାରିଖରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସଏସ)ର ୪ର୍ଥ ସୁନ୍ଦରଗଡ ଜିଲ୍ଲା ସମ୍ମିଳନୀ ରାଉରକେଲା ଠାରେ ଅନୁଷ୍ଠିତ ହୋଇଥିଲା। ଏଆଇଏମ୍‌ଏସ୍‌ଏସ୍ ସୁନ୍ଦରଗଡ ଜିଲ୍ଲା ସମ୍ପାଦିକା କମ୍ରେଡ ବିଦ୍ୟୁତ ମହନ୍ତ ଓ ସଭାନେତ୍ରୀ କମ୍ରେଡ୍ ଲିଓନି ତିର୍କୀଙ୍କ ପରିଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ୍ ଛବି ମହାନ୍ତି ମୁଖ୍ୟ ଅତିଥି, ରାଜ୍ୟ କମିଟିର ସମ୍ପାଦିକା କମ୍ରେଡ୍ ସରୋଜିନୀ ନାଏକ ଏବଂ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲା କମିଟିର ସମ୍ପାଦକ କମ୍ରେଡ୍ ଅଜିତ ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ଓ ଏମ୍‌ଏସଏସର କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଗଢିତୋଳିବାକୁ ସର୍ବସମ୍ମତ ପ୍ରସ୍ତାବଗ୍ରହଣ କରିଥିଲେ। ଫୁଲୋ ଲୋହାର, କବିତା ମହାନ୍ତି, ଅସୀମା ବେହେରା, ସନ୍ତୋଷୀ ମହାନ୍ତ, ପ୍ରତିଭା ଦଣ୍ଡପାଟ ପ୍ରମୁଖ କମିଟି ସଦସ୍ୟ ଓ ବ୍ଲକ ପ୍ରତିନିଧି ମାନେ ଆଲୋଚନା କରିଥିଲେ। ସମ୍ମିଳନୀରେ ଲିଓନି ତିର୍କୀ ସଭାପତି ଓ କବିତା ମହାନ୍ତି ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି ଓ ନୂତନ ଜିଲ୍ଲା କମିଟି ନିର୍ବାଚିତ ହୋଇଛି।

କୋରାପୁଟଠାରେ ତୃତୀୟ ଜିଲ୍ଲା ସମ୍ମିଳନୀ

ଅକ୍ଟୋବର ୧୧ ତାରିଖରେ ବୈପାରିଗୁଡ଼ାସ୍ଥ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରଠାରେ ସଙ୍ଗଠନର ତୃତୀୟ କୋରାପୁଟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଇନ୍ଦୁମତୀ ଦାସ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ସଙ୍ଗୀତ ଗୋଷ୍ଠୀ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀ ବାରିକ ଜିଲ୍ଲାର ସାଂଗଠନିକ ବିବରଣୀ ପାଠ କରିଥିଲେ । ଏଆଇଏମ୍‌ଏସଏସ ଓଡ଼ିଶା ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକ ମୁଖ୍ୟ ବକ୍ତା ଓ ଅବସର ପ୍ରାପ୍ତ ଅଧ୍ୟକ୍ଷା ସଇଦା ପରବିନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ନାରୀ ମାନେ ଭାରତ ବର୍ଷ ର ସାମାଜିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ସମସ୍ତ ପ୍ରକାର ଅପସଂସ୍କୃତି,ଓ ଅନୀତି ବିରୁଦ୍ଧରେ ସଙ୍ଗଠିତ ହୋଇ ଏଆଇଏମଏସଏସ କୁ ଶକ୍ତିଶାଳୀ କରିବାପାଇଁ ଆହ୍ୱାନ ଦେଇ ଥିଲେ। ଶେଷରେ ଜିଲ୍ଲା ସଭାନେତ୍ରୀ ଭାବେ ଇନ୍ଦୁମତୀ ଦାସ ସମ୍ପାଦିକା ଭାବେ ଲକ୍ଷ୍ମୀ ବାରିକ ପୁନର୍ବାର ନିର୍ବାଚିତ ହୋଇଥିଲେ।



ପ୍ରଥମ ବଲାଙ୍ଗୀର ଜିଲ୍ଲା ମହିଳା ସମ୍ମିଳନୀ

ଅକ୍ଟୋବର ୪ ତାରିଖରେ ବିପ୍ଳବୀ ମହିଳା ସଂଗଠନ ସାରା ଭାରତ ମହିଳା ସାଂସ୍କୃତିକ ସଂଗଠନ, ବଲାଙ୍ଗୀର ପକ୍ଷରୁ ପ୍ରଥମ ଜିଲ୍ଲା ସ୍ତରୀୟ



ମହଳା ସମ୍ମଳନୀ ଗନ୍ଧରେଲସ୍ଥତ ଗଙ୍ଗାଧର ମେହେର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରାଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସଂଗଠନର ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକ। ସମ୍ମାନିତ ଅତିଥି ଭାବେ ଏସ୍‌ୟୁସିଆଇ(ସି) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ୍ ଅଶୋକ ମିଶ୍ର ଏବଂ ଏଆଇଏମ୍‌ଏସ୍‌ଏସ୍ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟା କମ୍ରେଡ୍ ମନ୍ଦୋଦରୀ ରାଉଲ ଯୋଗ ଦେଇଥିଲେ। ଆଗାମୀ ଦିନରେ ମହିଳା ସଂଗଠନକୁ ନେତୃତ୍ୱ ଦେବା ପାଇଁ ଜିଲ୍ଲା ସଭାପତି ଭାବେ ସନ୍ଧ୍ୟାରାଣୀ ସାହୁ ଓ ସମ୍ପାଦିକା ଭାବେ ବୃନ୍ଦାବତୀ ଧରୁଆଙ୍କ ସମେତ ୨୫ ଜଣିଆ ଜିଲ୍ଲା କମିଟି ନିର୍ବାଚିତ ହୋଇଥିଲା।

ରାଜ୍ୟରେ ....

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ବର୍ତ୍ତମାନ ଦେଖାଯାଉ କେଉଁ କ୍ଷେତ୍ରରେ କେତେ ପୁଞ୍ଜି ଆସିବ ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି। ଖଣିଜ ପଦାର୍ଥ, ଧାତବ ଶିଳ୍ପ (୬.୨୨ ଲକ୍ଷ କୋଟି), ଶକ୍ତି କ୍ଷେତ୍ର (୪.୨୫ ଲକ୍ଷ କୋଟି), ରାସୟନିକ, ପେଟ୍ରୋ କେମିକାଲ୍ସ (୭୮.୮ ହଜାର କୋଟି) ବୟନ ଶିଳ୍ପ (୭ ହଜାର କୋଟି) କୃଷି ଓ କୃଷି ପ୍ରକ୍ରିୟାକରଣ (୧୭ ଶହ କୋଟି) ଓ ଅନ୍ୟାନ୍ୟ। ଅନ୍ୟାନ୍ୟ ମଧ୍ୟରେ ରହିଛି ଆଇଟି ସମ୍ପର୍କିତ ଶିଳ୍ପ ଓ ଡାଟା ସେଣ୍ଟର ପ୍ରତିଷ୍ଠା ଇତ୍ୟାଦି। ଏଥିରୁ ଦେଖାଯାଉଛି ଅଧିକାଂଶ ପୁଞ୍ଜି ଖଣି ଓ ଧାତବ ଶିଳ୍ପ ତଥା ଶକ୍ତି କ୍ଷେତ୍ର ପାଇଁ। ଅସଲରେ ଓଡିଶାର ଖଣିଜ ପଦାର୍ଥକୁ ବ୍ୟବହାର କରି ମୁନାଫା ଅର୍ଜନ କରିବା ପୁଞ୍ଜିପତି ମାନଙ୍କର ଲକ୍ଷ୍ୟ। ଶକ୍ତି କ୍ଷେତ୍ର ପାଇଁ ଦରକାର ପଡୁଥିବା କୋଇଲା ବିତ୍ତ ଓଡିଶାରେ ପ୍ରଚୁର ପରିମାଣରେ ଗଚ୍ଛିତ ଅଛି। ତେବେ ଏହି କ୍ଷେତ୍ରଗୁଡିକ ଏତେ ପୁଞ୍ଜିନିର୍ଭର ଯେ ଏଥିରେ ଶ୍ରମିକ ନିୟୋଜନର ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଯେଉଁ ଦୁଇଟି କ୍ଷେତ୍ରରେ ନିଯୁକ୍ତିର ସମ୍ଭାବନା ଥାଏ, ଯଥା ବୟନ ଶିଳ୍ପ ଓ କୃଷି ତଥା କୃଷି ପ୍ରକ୍ରିୟାକରଣ, ସେଥିରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ସବୁଠାରୁ କମ। ତେବେ ମୁଖ୍ୟମନ୍ତ୍ରୀଙ୍କ ଧୂଆଁ ବାଣ କେତେ ଅସାର ତା ସରକାରୀ ପରିସଂଖ୍ୟାନରୁ ହିଁ ଜଣା ପଡୁଛି। ମୁଖ୍ୟମନ୍ତ୍ରୀ ଯେଉଁ ୨୨.୫ ଲକ୍ଷ କୋଟି ଟଙ୍କା କଥା କହୁଛନ୍ତି, ତା ପୁଞ୍ଜିପତିମାନଙ୍କର ଆଗ୍ରହ ବା ଅଭିପ୍ରାୟ ମାତ୍ର, ସେଥିରୁ ୧୨.୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ସରକାର ଅନୁମୋଦନ କରିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ହେଇଛି ମାତ୍ର ୩ ଲକ୍ଷ କୋଟି ଟଙ୍କାର। ତେବେ ଏ ପୁଞ୍ଜି ମଧ୍ୟ ଏବେ ସୁଦ୍ଧା ଓଡିଶାକୁ ଆସିନାହିଁ। ଯଦି କେବେ ଆସେ, ଆସିବାକୁ ଅନେକ ବର୍ଷ ଲାଗିଯିବ।

ତେବେ ପୁଞ୍ଜି ଆସିବା ବଡକଥା ନୁହେଁ। ପୁଞ୍ଜିପତିମାନେ ଯେଉଁଠି ମୁନାଫାର ସୁଯୋଗ ଦେଖିବେ ସେଇଠି ପୁଞ୍ଜିନିବେଶ କରିବେ। ଅସଲ କଥା ହେଲା ନିଯୁକ୍ତି। ଐତିହାସିକ ଭାବେ ଓଡିଶାର ଖଣିଜ ପଦାର୍ଥକୁ ଭିତ୍ତି କରି ଓଡିଶାରେ ଅନେକ ଶିଳ୍ପ ଗଢି ଉଠିଛି ଏବଂ ବିଗତ କିଛି ବର୍ଷ ଭିତରେ ଏହି ପ୍ରକ୍ରିୟା ବେଗ ପାଇଛି। ରାଉରକେଲା ଓ ନାଲକୋଠୁ ଆରମ୍ଭ କରି, ଝାରସୁଗୁଡା, ଅନୁଗୋଳ-ଢେଙ୍କାନାଳ ଓ କଳିଙ୍ଗ ନଗର ଅଞ୍ଚଳରେ ଅନେକ ଭାରୀ ଶିଳ୍ପ ଗଢି ଉଠିଛି ଯେଉଁଠି ଓଡିଶାର ଖଣିଜ ପଦାର୍ଥ, ଜଳ ଓ ବିଦ୍ୟୁତର ବିନିଯୋଗ ହେଉଛି। କିନ୍ତୁ ସେହି ଅନୁପାତରେ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି କି? ରାଜ୍ୟରୁ କାର୍ଯ୍ୟକ୍ଷମ ଯୁବଶକ୍ତିର ପଲାୟନକୁ ରୋକାଯାଇ ପାରିଛି କି? ଖୋଦ ମୁଖ୍ୟମନ୍ତ୍ରୀଙ୍କ ଖଣିଜ ସମ୍ପଦଭରା କେନ୍ଦୁଝର ଜିଲ୍ଲାର ୧୭ ଜଣ ଜୁଆଙ୍ଗ ଜନଜାତିର ଯୁବ ମହିଳା ଶ୍ରମିକମାନଙ୍କର ତାମିଲ ନାଡୁର ଏକ କାରଖାନାରେ ଦୁଃଖଦ ମୃତ୍ୟୁ ଏ ବିଷୟରେ ଆମକୁ ସଚେତନ କରେଇ ଦେଇଛି। ମନେ ରଖିବାକୁ ହେବ ଯେ ଓଡିଶାର ଯେଉଁ ବେକାର ଯୁବକ ଯୁବତୀମାନେ କର୍ମସଂସ୍ଥାନ ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଯାଉଛନ୍ତି, ସେମାନେ କୌଣସି ବୃହତ ଶିଳ୍ପରେ ନିଯୁକ୍ତି ପାଇଁ ଯାଉନାହାନ୍ତି। ପ୍ରାୟ ସମସ୍ତେ ବାହାର ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପରେ ଠିକା ଶ୍ରମିକ ହିସାବରେ କାମ କରନ୍ତି ଓ ବିଭିନ୍ନ ଧରଣର ଶୋଷଣର ଶିକାର ହୁଅନ୍ତି। ପୁଞ୍ଜି ଆମନ୍ତ୍ରଣ କରି ଜନସାଧାରଣଙ୍କୁ ଭୂଆଁ ବୁଲେଇବାର ନିଶାରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ଏହି କ୍ଷେତ୍ରଟିର ସମ୍ପୂର୍ଣ୍ଣ ଅବହେଳା ଓ ଅଣଦେଖା କରିଛନ୍ତି। ଖାଲି ବର୍ତ୍ତମାନର ସରକାର ନୁହନ୍ତି ପୂର୍ବବର୍ତ୍ତୀ ସରକାରଙ୍କର ମଧ୍ୟ ବୃହତ ପୁଞ୍ଜିକୁ ଆମନ୍ତ୍ରଣ କରିବାର ନିଶା ଥିଲା। ହଜାରେ ଦିନରେ ହଜାର ଶିଳ୍ପର ସ୍ଲୋଗାନ ଆଜି ଇତିହାସ ଓ ଅଧିକାଂଶ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ଆଜି ତାଲା ଝୁଲୁଛି। ମୁଖ୍ୟମନ୍ତ୍ରୀ ଓ ସରକାରଙ୍କର ଯଦି ପ୍ରକୃତରେ ଜନସାଧାରଣଙ୍କ ସ୍ୱାର୍ଥ ବିଷୟରେ ସାମାନ୍ୟତମ ଚିନ୍ତା ଥାଆନ୍ତା, ସେ ଓଡିଶାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ତତ୍ପର ହୁଅନ୍ତେ ଯେଉଁଥିରେ ବହୁ ସଂଖ୍ୟାରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହୁଅନ୍ତା। ଅର୍ଥନୈତିକ ଭାବେ ଏହା ପ୍ରତିପାଦିତ ଯେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକରେ ଭାରୀ ଶିଳ୍ପ ତୁଳନାରେ ନିଯୁକ୍ତିର ସୁଯୋଗ ଅନେକ ଅଧିକ। କିନ୍ତୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାରଙ୍କର ଏ ବିଷୟରେ କୌଣସି ମୁଣ୍ଡବ୍ୟଥା ନାହିଁ। ମୁନାଫା ଲୁଣ୍ଠନ ପାଇଁ, ଓଡିଶାର ପ୍ରାକୃତିକ ସମ୍ପଦକୁ - ଜଳଠୁ ଆରମ୍ଭ କରି ଖଣିଜ ସମ୍ପଦ ଯାଏ - ବୃହତ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବା ଯେମିତି ସରକାରଙ୍କର ପ୍ରମୁଖ ଓ ଏକମାତ୍ର କାମ। ଜନସାଧାରଣଙ୍କ ସ୍ୱାର୍ଥ ଯଦି ସେଥିରେ ବଳି ପଡିଲା ସେଥିରେ ଯାଏ ଆସେ ନାହିଁ।

ନିକଟରେ ଦୁଇଟି ଘଟଣାକୁ ଲକ୍ଷ୍ୟ କଲେ ଏହା ପରିଷ୍କାର ହେଇଯିବ। ଦୁବାଇରେ ପୁଞ୍ଜି ଆମନ୍ତ୍ରଣର ଯେଉଁ ବିପୁଳ ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ଡିଣ୍ଡିମ ପିଟୁଛନ୍ତି ତା ସମ୍ଭବ ହେଇଛି ଆଦାନୀ ଓ ଆଦାନୀଙ୍କର ବିଦେଶୀ ସହଯୋଗୀମାନଙ୍କ ପାଇଁ। ଆଦାନୀ ଓ ବିଜେପି ସରକାର ଯେ ପରସ୍ପର ସ୍ୱାର୍ଥର ପରିପୂରକ ତା ସର୍ବଜନବିଦିତ। ଓଡିଶାରେ ଡାଟା ସେଣ୍ଟର ପ୍ରତିଷ୍ଠା କରି ମାଗଣା ଜଳ ଓ ଶସ୍ତା ବିଦ୍ୟୁତ ଉପଯୋଗ କରିବାକୁ ଆଦାନୀକୁ ଛାଡି ଦିଆଯାଇଛି। ଦୁବାଇରେ ପୁଞ୍ଜିନିବେଶ ଯୋଜନା ଯଦି ଫଳବତୀ ହୁଏ, ତେବେ ଓଡିଶାର ବନ୍ଦାଇଟ ଓ ବିରଳ ମଉକାକୁ ମଧ୍ୟ ଆଦାନୀ ହାତକୁ ଟେକି ଦିଆଯିବ। ଅସଲରେ ଆଦାନୀ ବିଜେପି ଓ ବିଜେପି ସରକାରମାନଙ୍କର ଗେହ୍ଲା ପୁଅ ନା ବିଜେପି ଓ ବିଜେପି ସରକାରମାନେ ଆଦାନୀଙ୍କର ଗେହ୍ଲା ପୁଅ ତା ଆଜି ଜାଣିବା କଷ୍ଟ। ଯେଉଁଠି ବିଜେପି ସରକାର ଅଛି କିମ୍ବା ବହୁ ବର୍ଷ ପରେ ଶାସନକୁ ଆସିଛି (ଓଡିଶା ଓ ପଶ୍ଚିମ ବଙ୍ଗରେ) ସେଠି ଆଦାନୀ ସମୂହ ପୁଞ୍ଜି ନିବେଶର ବଡ ସ୍ୱପ୍ନ ଦେଖାଉଛି ଓ ତା'କୁ ନେଇ ବିଜେପି ସରକାରମାନେ ଜନସାଧାରଣଙ୍କୁ ଭୂଆଁ ବୁଲାଉଛନ୍ତି।

ଦ୍ୱିତୀୟ ଘଟଣାଟି ବେଦାନ୍ତ ଓ ତା'ର ମୁଖ୍ୟ ଅନୀଲ ଅଗ୍ରୱାଲଙ୍କୁ ନେଇ। ଦୀର୍ଘ ବିରୋଧ ଓ ଆନ୍ଦୋଳନ ଫଳରେ ବେଦାନ୍ତ ଗୋଷ୍ଠୀକୁ ନିୟମଗିରିରୁ ବକ୍ସାଇଟ ଉତ୍ତୋଳନ ପାଇଁ ମିଳିଥିବା ଅନୁମତିକୁ ବାତିଲ କରିବାକୁ ତତ୍କାଳୀନ ବିଜେଡି ସରକାର ବାଧ୍ୟ ହେଇଥିଲେ ଏବଂ ଏହାକୁ ସୁପ୍ରିମ କୋର୍ଟ ମଧ୍ୟ କାଏମ ରଖିଥିଲେ। ବେଦାନ୍ତର ମୁଖ୍ୟ ଅନୀଲ ଅଗ୍ରୱାଲ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁରୁଣା ନିଷ୍ପତ୍ତିର ପୁନର୍ବିଚାର ପାଇଁ କହିଛନ୍ତି ଓ ଓଡିଶାରେ ୧ ଲକ୍ଷ କୋଟି ଟଙ୍କାର ନିବେଶ କରିବାର ଯୋଜନା ବିଷୟରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ଯଦି ପୁଞ୍ଜି ଆମନ୍ତ୍ରଣ କରିବାକୁ ଅତ୍ୟନ୍ତ ବ୍ୟାକୁଳ ହେଉନଥାନ୍ତେ, ତେବେ ଦେଶର ସର୍ବୋଚ୍ଚ ନ୍ୟାୟଳୟର ମୋହର ବାଜିଥିବା ଏକ ନିଷ୍ପତ୍ତିର ପୁନର୍ବିଚାର କରିବାକୁ କହିବାର ସାହସ ଓ ଔଦ୍ଧତ୍ୟ ବେଦାନ୍ତ ମୁଖ୍ୟଙ୍କର ନଥାନ୍ତା।

ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କର ବିଶାଳ ଅଙ୍କର ଭେଳିକିରେ ତାଙ୍କର ଅସଲ ପୁଞ୍ଜିପତି ତୋଷଣ ନୀତିକୁ ଅଣଦେଖା କରିବା ଉଚିତ ନୁହେଁ। ଓଡିଶାର ଏବେକାର ସାଧାରଣ ଜନତା ଓ ପରବର୍ତ୍ତୀ ପିଢିର ସ୍ୱାର୍ଥର ଆଇନାରେ ଏହିସବୁ ଜନସ୍ୱାର୍ଥ ବିରୋଧୀ ଘୋଷଣାମାନଙ୍କୁ ଦେଖିବାକୁ ହେବ।

ଏସ୍‌ଆଇଆର. . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସରକାର ପ୍ରକାଶ କଲେନାହିଁ। ବିହାର ପରେ ଦ୍ୱିତୀୟ ଦଫାରେ ପଶ୍ଚିମବଙ୍ଗ ସମେତ ୯ ଟି ଓ ତୃତୀୟ ଦଫାରେ ଓଡ଼ିଶା ସମେତ ୧୬ ଟି ରାଜ୍ୟ ଓ ୩ ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର୍ ପ୍ରକ୍ରିୟା ଶେଷ ହୋଇଛି। ଅର୍ଥାତ ବର୍ତ୍ତମାନ ପ୍ରାୟ ସମଗ୍ର ଦେଶରେ ଏହି ପ୍ରକ୍ରିୟା ଶେଷ ହୋଇଛି ଓ ସମଗ୍ର ଦେଶରୁ ପ୍ରାୟ ୧୪ କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ତେବେବି ସମଗ୍ର ଦେଶରୁ କେତେ ବଙ୍ଗଳାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀ ବାହାରିଲେ ତାର ହିସାବ କେହି ଜାଣିନାହିଁ।

ଏଠାରେ ସୂଚନାଯୋଗ୍ୟ ବିଧାନସଭା ନିର୍ବାଚନ ମୁହାଁ ପଶ୍ଚିମବଙ୍ଗ ସମେତ ଦ୍ୱିତୀୟ ଦଫାରେ ଏସଆଇଆର କରାଯାଇଥିବା ରାଜ୍ୟ ମାନଙ୍କର ନିର୍ବାଚନ କମିଶନ ଗୋଟିଏ ନୂଆ ବ୍ୟବସ୍ଥା ଲଗୁକଲେ, ଏହାକୁ ଲଜିକାଲ ଡିସକ୍ରିପାନ୍‌ସି (logical discrepancy) କୁହାଯାଏ। ଏହି ବ୍ୟବସ୍ଥା ଲଗୁକରି ପଶ୍ଚିମବଙ୍ଗର ୨୭. ୧୬ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଗଲା । ନାମ କାଟି ଦିଆଯାଇଥିବା ଲୋକ ନିଜ ନାମ ପୁନର୍ବାର ଭୋଟର ତାଲିକାରେ ଯୁକ୍ତ କରିବା ପାଇଁ ଟ୍ରିବ୍ୟୁନାଲ ଆବେଦନ କରିଛନ୍ତି ଏବଂ ସେମାନଙ୍କ ଆବେଦନ ବିଚାରାଧୀନ ରହିଛି। ଏହିଭଳି ବିପୁଳ ସଂଖ୍ୟକ ଭୋଟରଙ୍କ ଆବେଦନ ବିଚାରାଧୀନ ଥିବାବେଳେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ କରାଗଲା। ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ସୁପ୍ରିମ କୋର୍ଟ ମଧ୍ୟ ଏହିଭଳି ଏକ ସମ୍ପୂର୍ଣ୍ଣ ବେଆଇନ କାମପାଇଁ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ଅନୁମୋଦନ କଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ପରମ୍ପରା ଓ ନିର୍ବାଚନ ପରିଚାଳନାରେ ଘୋଷିତ ନିରପେକ୍ଷତାକୁ ପଦଦଳିତ କରି, ନିର୍ବାଚନକୁ ସମ୍ପୂର୍ଣ୍ଣ ପ୍ରହସନରେ ପରିଣତ କରି, ବିଜେପି ଦଳକୁ ନିର୍ବାଚନରେ ବିଜୟୀ କରାଗଲା।

ଏହିଭଳି ଭାବରେ ବିଭିନ୍ନ ରାଜ୍ୟରେ ଆସନ୍ତା ବର୍ଷ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ଓ ୨୦୨୯ ମସିହା ସାଧାରଣ ନିର୍ବାଚନରେ ବିଜେପିକୁ ଜୟଯୁକ୍ତ କରାଇବା ଉଦ୍ଦେଶ୍ୟରେ ସମଗ୍ର ଦେଶର ଭୋଟର ତାଲିକାରୁ ୧୪ କୋଟି ଲୋକଙ୍କ ଭୋଟ ଅତ୍ୟନ୍ତ ମନମୁଖୀ ଭାବରେ କାଟି ଦିଆଯାଇଛି। ଏହା ବ୍ୟତୀତ ୧୮ ବର୍ଷରେ ପଦାର୍ପଣ କରିଥିବା ନୂଆ ଭୋଟର ମାନଙ୍କ ନାମ ଭୋଟର ତାଲିକାରେ ଉଠାଇବା ପାଇଁ ଉଦ୍ଦିଷ୍ଟ ଫର୍ମ ୬ରେ ପରିବର୍ତ୍ତନ କରିବା ଓ ଫର୍ମ ସହିତ ପୂର୍ବରୁ ନଥିବା କେତେକ ତଥ୍ୟ ପ୍ରଦାନ କରିବା ବାଧତାମୂଳକ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ ଜ୍ଞାତସାରରେ ଭୋଟର ତାଲିକାରୁ ନାମ କାଟିବା ପାଇଁ ବ୍ୟବହାର କରାଯାଉଥିବା ଫର୍ମ ୭ କୁ ହଜାର ହଜାର ସଂଖ୍ୟାରେ ବିଜେପି ବିରୋଧୀ ଲୋକଙ୍କ ଭୋଟ କାଟିବା ପାଇଁ ଅଜଣା ଲୋକଙ୍କଦ୍ୱାରା ଦାଖଲ କରାଯାଉଛି। ଏହା ବ୍ୟତୀତ eci.net ନାମକ ଏକ ସଫ୍ଟୱେଆର ବ୍ୟବହାର କରି ସମଗ୍ର ଦେଶର ଭୋଟର ତାଲିକାକୁ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କର କେତେଜଣ ବିଶ୍ୱସ୍ତ କର୍ମଚାରୀ ମାନଙ୍କ ହାତରେ ରଖାଯାଇଛି। ଏପରିକି ବୁଥ ସ୍ତରରେ ବିଏଲ୍‌ଓ ଏବଂ ନିର୍ବାଚନ ମଣ୍ଡଳୀ ସ୍ତରରେ ଇଆରଓ ମାନେ ମଧ୍ୟ ଆବଶ୍ୟକ ବେଳେ ସେହି



eci.net ୱେବସାଇଟ ଖୋଲି ପାରୁ ନାହାନ୍ତି। ଏହିଭଳି ଅତ୍ୟନ୍ତ ଯୋଜନାବଦ୍ଧ ଓ ପରିକଳ୍ପିତ ଭାବରେ ସମଗ୍ର ଦେଶର ନିର୍ବାଚନ ବ୍ୟବସ୍ଥାକୁ ବିଜେପି ସପକ୍ଷରେ ପରିଚାଳିତ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ସମସ୍ତ ବ୍ୟବସ୍ଥା କରିଥିବାବେଳେ ଦୈନିକ ଇଂରାଜୀ ଖବର କାଗଜ ଦି ଇଣ୍ଡିଆନ୍ ଏକ୍ସପ୍ରେସ ରେ ପ୍ରକାଶିତ ଏକ ଗବେଷଣାମୂଳକ ଲେଖା ଦେଶରେ ଚହଳ ପକାଇଦେଇଛି। ଏସଆଇଆର୍ ନାମରେ ଜ୍ଞାନେଶ କୁମାର କମିଶନର ଅନ୍ୟ ଦୁଇଜଣ କମିଶନର ଙ୍କୁ ବିଭିନ୍ନ ବିଷୟରେ ଅନ୍ଧାରରେ ରଖି ମନମୁଖୀ ଓ ଏକତରଫା ଭାବରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବର୍ତ୍ତମାନ ପ୍ରମାଣିତ ହୋଇଛି। 'ଦି ଇଣ୍ଡିଆନ ଏକ୍ସପ୍ରେସ୍'ର ଏହି ରିପୋର୍ଟକୁ ମୁଖ୍ୟ ନିର୍ବାଚନ କମିଶନର କିମ୍ବା କେନ୍ଦ୍ର ସରକାର କେହିହେଲେ ଖଣ୍ଡନ କରିପାରି ନାହାନ୍ତି। ପ୍ରତ୍ୟେକ ଦିନ ଦେଶର ବିଭିନ୍ନ ରାଜ୍ୟରୁ ଏସ୍‌ଆଇଆର କେଳେଙ୍କାରୀ ସଂପର୍କିତ ନୂଆ ନୂଆ ଖବର ଆସୁଛି। ଏହି ପରିସ୍ଥିତିରେ ସ୍ୱାଭାବିକ ଭାବରେ ଜ୍ଞାନେଶ କୁମାରଙ୍କ ଇସ୍ତଫା, ସମଗ୍ର ଏସଆଇଆର୍ ପ୍ରକ୍ରିୟା କୁ ରଦ୍ଦ କରି ୨୦୨୫ ମସିହା ଭୋଟର ତାଲିକାକୁ ବୈଧ ବୋଲି ଧରିବା ଓ ବେଆଇନ ଓ ମନଇଚ୍ଛା କାଟି ଦିଆଯାଇଥିବା ସମସ୍ତ ଲୋକଙ୍କ ନାଁ ପୁନର୍ବାର ଭୋଟର ତାଲିକାରେ ଯୁକ୍ତ କରିବା ପାଇଁ ସମଗ୍ର ଦେଶରେ ଆନ୍ଦୋଳନ ଚାଲିଛି।

ଗୋଟିଏ ଦିଗରେ ନିର୍ବାଚନ କମିଶନ କେନ୍ଦ୍ର ବିଜେପି ସରକାରର ଗୋଡ଼ାଣିଆ ଭଳି କାମକରି ଦେଶର କୋଟି କୋଟି ଲୋକଙ୍କୁ ଅତ୍ୟନ୍ତ ଅନିଶ୍ଚିତ ପରିସ୍ଥିତି ମଧ୍ୟକୁ ଠେଲି ଦେଇଥିବାବେଳେ ଅନ୍ୟଦିଗରେ ରାଜ୍ୟ ବିଜେପି ସରକାର ସ୍କୁଲ ଶିକ୍ଷା କ୍ଷେତ୍ରରେ ଅଚିନ୍ତନୀୟ ସଙ୍କଟ ସୃଷ୍ଟି କରିଛି। ସରକାର ପ୍ରକାଶ କରିଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପୁସ୍ତକରେ ହଜାର ହଜାର ତ୍ରୁଟି। କେବଳ ବନାନ ଗତ ତ୍ରୁଟି କିମ୍ବା ତଥ୍ୟଗତ ତ୍ରୁଟି ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ପ୍ରହସନରେ ପରିଣତ କରିବା ପାଇଁ ଯୋଜନାବଦ୍ଧ ଭାବରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବିକୃତ ଭାବରେ ଉପସ୍ଥାପିତ କରାଯାଇଛି। ବିଜ୍ଞାନ ଭୂଗୋଳ, ଇଂରାଜୀ, ମାତୃଭାଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଯାହା ଅନ୍ତର୍ଭୁକ୍ତ କରାଯାଇଛି ସେଥିରେ ପିଲଙ୍କ ମଧ୍ୟରେ ବିଭିନ୍ନ ଧରଣର ସଂକୀର୍ଣ୍ଣତା, ଅନ୍ଧତା ଓ କୁସଂସ୍କାର ସୃଷ୍ଟିହେବା ନିଶ୍ଚିତ। କେବଳ ଏତିକି ନୁହେଁ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପୁସ୍ତକରେ ଯାହା ନିଶ୍ଚିତ ଭାବରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ଏବଂ ଯାହା ନପଢ଼ିଲେ ଉଚ୍ଚତର ଶ୍ରେଣୀ ମାନଙ୍କରେ ଶିକ୍ଷା ଲାଭ ସମ୍ଭବ ନୁହେଁ ସେସବୁ ଚାପ୍ଟର ବହିରୁ ବାଦ୍ ଦିଆଯାଇଛି। ଭାରତୀୟ ଜ୍ଞାନ ବ୍ୟବସ୍ଥା ଶିକ୍ଷା ଦେବା ଓ ଶିକ୍ଷାର ଭାରତୀୟକରଣ ଆଳରେ ଅତ୍ୟନ୍ତ ଅବୈଜ୍ଞାନିକ ଭାବରେ ରଚିତ ଏନ୍‌ସିଇଆରଟି ପୁସ୍ତକକୁ ସିଧା ସଳଖ ଅନୁବାଦ କରି ଏହି ପୁସ୍ତକ ପ୍ରକାଶ କରାଯାଇଛି। ଏହି ଧରଣର ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ପୁସ୍ତକ ପ୍ରତ୍ୟାହର କରି ପୁରୁଣା ବହିରେ ଚଳିତବର୍ଷ ଶିକ୍ଷାଦାନ କରିବା ପାଇଁ ରାଜ୍ୟର ବିଭିନ୍ନ ବର୍ଗର ଜନସାଧାରଣ ଦାବି କରିବା ସତ୍ତ୍ୱେ ମଧ୍ୟ ସରକାର ତାହା କଲେ ନାହିଁ କିମ୍ବା ତ୍ରୁଟିମୁକ୍ତ ନୂଆ ବହି ଯୋଗାଇଲେ ନାହିଁ। ଇତିମଧ୍ୟରେ ସ୍କୁଲ୍‌ରେ ଛମାସିଆ ପରୀକ୍ଷା ଶେଷ ହୋଇଛି ମାତ୍ର ପିଲା ବହି ପାଇନାହାନ୍ତି। ବହି କେବେ ପହଂଚିବ ତାର ଠିକଣା ନାହିଁ। ପୁଣି ତ୍ରୁଟିପୂର୍ଣ୍ଣ ବହିର ତ୍ରୁଟି ସୁଧାରି ସରକାର ଶିକ୍ଷକ ମାନଙ୍କ ପାଇଁ ଯେଉଁ ପୁସ୍ତିକା ଜାରି କଲେ ସେଥିରେ ବି ଅସଂଖ୍ୟ ତ୍ରୁଟି। ଏହିଭଳି ଭାବରେ ରାଜ୍ୟ ସରକାର ସଧାରଣ ଘରର ପିଲାଙ୍କ ଭବିଷ୍ୟତ ନଷ୍ଟ କରିଦେଇଛନ୍ତି।

ରାଜ୍ୟବାସୀଙ୍କ ଦୁଃଖ ଏତିକିରେ ସରି ନାହିଁ, ରାଜ୍ୟର ଡ୍ୟାମ ଗୁଡିକର କୁପରିଚାଳନା, ନଦୀ ବନ୍ଧ ଗୁଡ଼ିକର ଉପଯୁକ୍ତ ଓ ସମୟୋପଯୋଗୀ ରକ୍ଷଣାବେକ୍ଷଣର ଅଭାବ, ନଦୀବନ୍ଧ ମରାମତି କ୍ଷେତ୍ରରେ ବ୍ୟାପକ ଦୁର୍ନୀତି, ବନ୍ୟା ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ସରକାର ଓ ସରକାରୀ କଳର ଅପରାଧୀ ସୁଲଭ ଉଦାସୀନତା ପାଇଁ ରାଜ୍ୟର ଲକ୍ଷ ଲକ୍ଷ ବନ୍ୟା କ୍ଷତିଗ୍ରସ୍ତ ଲୋକ ନାହିଁ ନଥିବା ଦୂରାବସ୍ଥା ମଧ୍ୟରେ କାଳାତିପାତ କରିବାକୁ ବାଧ ହେଲେ। ଏବେବି ବନ୍ୟକ୍ଲିଷ୍ଟ ଲୋକଙ୍କ ଦୁଃଖ ଦୂର ହୋଇନାହିଁ। କ୍ଷତିଗ୍ରସ୍ତ ମାନଙ୍କୁ ସରକାରୀ ସହାୟତା ଆଜିବି ମିଳି ନାହିଁ। ପ୍ରତିବର୍ଷ ବନ୍ୟା, ମରୁଡ଼ି ଓ ବାତ୍ୟା ଫଳରେ ରାଜ୍ୟବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଥିଲେ ମଧ୍ୟ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏସବୁର ସ୍ଥାୟୀ ପ୍ରତିକାର ପାଇଁ କୌଣସି ଦୀର୍ଘମିଆଦୀ ଯୋଜନା ଗ୍ରହଣ କରାଯାଉନାହିଁ। ସରକାର ଆସୁଛି ଯାଉଚି, ମାତ୍ର ଏ ଦିଗରେ କୌଣସି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହିଁ। ବନ୍ୟା , ମରୁଡ଼ି ଓ ବାତ୍ୟା ଆଉ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ଏ ସବୁକୁ ମନୁଷ୍ୟକୃତ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ହେବ। ବରଂ ଏହି ଧରଣର ବିପର୍ଯ୍ୟୟ ଅସାଧୁ ବ୍ୟବସାୟୀ, କଳାବଜାରୀ, ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଓ ଅସାଧୁ ରାଜନେତା ମାନଙ୍କ ପାଇଁ ପୁଷ୍ପମାସ।

ଉପରୋକ୍ତ ଗୁରୁତର ସମସ୍ୟା ଉପରେ ଏସୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ବିଭିନ୍ନ ସମୟରେ ଓ ବିଭିନ୍ନ ଭାବରେ ଲଗାତର ଆନ୍ଦୋଳନ ସଂଗଠିତ କରାଯାଉଛି। ସାମ୍ପ୍ରତିକ ପରିସ୍ଥିତିରେ ସମସ୍ୟାର ଗମ୍ଭୀରତାକୁ ଉପଲବ୍ଧି କରି ଉପରୋକ୍ତ ଚାରୋଟି ଦାବିକୁ ନେଇ ଦାବି ସପ୍ତାହ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଆହ୍ୱାନକ୍ରମେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ଜ୍ଞାନେଶ କୁମାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ରାଜ୍ୟବ୍ୟାପୀ ଆନ୍ଦୋଳନର ନିର୍ବାଚିତ ଫଟୋ ଏଠାରେ ସ୍ଥାନିତ କରାଯାଇଛି। ★★★

‘ଶିଳ୍ପ’ର ସଂଜ୍ଞାରେ ପରିବର୍ତ୍ତନ ବିରାଟ ସଂଖ୍ୟକ ଶ୍ରମିକଙ୍କ ଜୀବନକୁ ବିପର୍ଯ୍ୟୟ ଡାକି ଆଣିବ

ଅଗଷ୍ଟ ୨୦ ତାରିଖରେ ସୁପ୍ରିମକୋର୍ଟର ନଅ ଜଣିଆ ଖଣ୍ଡପୀଠ ସଂଖ୍ୟାଗରିଷ୍ଠ ବିଚାରପତିଙ୍କ ମତାମତ ଆଧାରରେ ରାୟ ଦେଇଛନ୍ତି ଯେ, ‘ଶିଳ୍ପ’ ବା ଇଣ୍ଡଷ୍ଟ୍ରିର ସଂଜ୍ଞାକୁ ବିଜେପି ସରକାର ପ୍ରଣୀତ ନୂତନ ଶ୍ରମକୋଡ୍ ସହିତ ସମନ୍ୱୟ ରଖି ନିର୍ଦ୍ଧାରଣ କରିବାକୁ ହେବ। ଫଳରେ ୧୯୭୮ ମସିହାରେ ବିଚାରପତି ଭି. ଆର. କୃଷ୍ଣା ଆୟାରଙ୍କ ନେତୃତ୍ୱାଧୀନ ସାତ ଜଣିଆ ଖଣ୍ଡପୀଠ ‘ଶିଳ୍ପ’ର ସଂଜ୍ଞା ନିର୍ଦ୍ଧାରଣ କରି ଯେଉଁ ରାୟ ଦେଇଥିଲେ, ତାହା ଆଉ ବଳବତ୍ତର ରହିବ ନାହିଁ।

ସମ୍ପ୍ରତି ଏହି ରାୟର ଫଳସ୍ୱରୂପ ବିପୁଳ ସଂଖ୍ୟକ ଶ୍ରମିକ ଶିଳ୍ପ ଆଇନର ସୁରକ୍ଷା କବଚ ବାହାରକୁ ଚାଲିଯିବେ। ବର୍ତ୍ତମାନ ତଥାକଥିତ ଉଦାର ଅର୍ଥନୀତି ସମୟରେ ସରକାରୀ ଉଦ୍ୟୋଗଗୁଡ଼ିକ କାର୍ଯ୍ୟତଃ ସୀମିତ। ସମସ୍ତ କ୍ଷେତ୍ରରେ ମଧ୍ୟ ଘରୋଇ ପୁଞ୍ଜିର ପ୍ରଭାବ ବୃଦ୍ଧି ପାଉଛି। ଏହି ସମୟରେ ଶିଳ୍ପର ସଂଜ୍ଞା ବଦଳାଇ ଦିଆଗଲେ ବେସରକାରୀ ପୁଞ୍ଜି ପରିଚାଳିତ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ସ୍ଥାନୀୟ ପ୍ରଶାସନର କର୍ମଚାରୀ କିମ୍ବା ବେସରକାରୀ ଏଜେନ୍ସି ଦ୍ୱାରା ନିଯୁକ୍ତ ଶ୍ରମିକମାନେ ଆଇନଗତ ସୁରକ୍ଷାର ପରିସର ବାହାରକୁ ଚାଲିଯିବେ।

୧୯୭୮ ମସିହାରେ ‘ବାଙ୍ଗାଲୋର ୱାଟର ସପ୍ଲାଇ ଆଣ୍ଡ ସ୍ୱେରେଜ୍ ବୋର୍ଡ ବନାମ ରାଜାପ୍ପା’ ମାମଲାରେ ବିଚାରପତି ଭି. ଆର୍. କୃଷ୍ଣା ଆୟାରଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟର ସାତ ଜଣିଆ ଖଣ୍ଡପୀଠ ୧୯୪୭ ମସିହାର ଶିଳ୍ପ ବିବାଦ ଆଇନର ଧାରା ୨(ଜେ)ର ବ୍ୟାଖ୍ୟାକୁ ବିସ୍ତାରିତ କରି ଶିଳ୍ପର ସଂଜ୍ଞା ନିର୍ଦ୍ଧାରଣ କରିବାରେ ‘ଟ୍ରିପଲ୍ ଟେଷ୍ଟ’ର ଦିଗନିର୍ଦ୍ଦେଶ ଦେଇଥିଲେ। ଏହି ରାୟରେ କୁହାଯାଇଥିଲା, କୌଣସି କାର୍ଯ୍ୟକ୍ରମ ଯଦି ବ୍ୟବସାୟ ବାଣିଜ୍ୟ ଭଳି ସଂଗଠିତ ହୁଏ, ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସମ୍ପର୍କ ଆଧାରରେ କାମ ପରିଚାଳିତ ହୁଏ, ମନୁଷ୍ୟର ଯେକୌଣସି ଆବଶ୍ୟକତା, ଇଚ୍ଛା କିମ୍ବା ଅଭାବ ପୂରଣ କରିବା ଉପଯୋଗୀ ପଦାର୍ଥ ବା ପରିସେବା ଉତ୍ପାଦନ କରାହୁଏ, ତେବେ ତାହାକୁ ଶିଳ୍ପ ବା ଇଣ୍ଡଷ୍ଟ୍ରି କୁହାଯିବ।

ଏହି ସଂଜ୍ଞା ଫଳରେ କେବଳ କାରଖାନା ନୁହେଁ, ବରଂ ସ୍କୁଲ, ହସ୍ପିଟାଲ, ଦାତବ୍ୟ ସଂସ୍ଥା ଓ ଟ୍ରଷ୍ଟ ପରିଚାଳିତ ଅନେକ ପରିସେବା, ସ୍ଥାନୀୟ ପ୍ରଶାସନର ବିପୁଳ ସଂଖ୍ୟକ ଶ୍ରମିକ, ସାଧାରଣ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପରି ବିଭିନ୍ନ ସ୍ତରର କର୍ମଜୀବୀ ‘ଶିଳ୍ପ’ ସଂଜ୍ଞାର ଅନ୍ତର୍ଭୁକ୍ତ ହୋଇଥିଲେ। ଗତ ପାଞ୍ଚ ଦଶନ୍ଧି ଧରି ଏହି ରାୟ ଆଧାରରେ ଅଧିକାର ଆଦାୟ ପାଇଁ ସେମାନେ ଲଢ଼େଇ କରୁଥିଲେ।

କଂଗ୍ରେସ ସରକାର ୧୯୯୦ ଦଶକରେ ଉଦାରୀକରଣର ନୀତି ଗ୍ରହଣ କରି ଶ୍ରମିକ-କର୍ମଚାରୀଙ୍କ ଅଧିକାର ଖର୍ବ କରିବା ଆରମ୍ଭ କରିଥିଲା। ସମ୍ପ୍ରତି ଉଦାରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ବିଜେପି ସରକାର ସମସ୍ତ ଶ୍ରମ ଆଇନକୁ ବାତିଲ କରି ଚାରିଟି ଶ୍ରମ କୋଡ୍ ପ୍ରବର୍ତ୍ତନ କରିଛି। ଏହାଫଳରେ ମାଲିକ ସହିତ ଶ୍ରମିକ-କର୍ମଚାରୀଙ୍କ ଦର କଷାକଷିର ଅଧିକାର, ଟ୍ରେଡ୍ ୟୁନିୟନ ଗଠନ କରିବା ଏବଂ ମାଲିକ ସହିତ ଲଢ଼େଇ କରିବା ପାଇଁ ଆବଶ୍ୟକ ଧର୍ମଘଟ କରିବାର ଅଧିକାରକୁ କାର୍ଯ୍ୟତଃ ଛଡ଼ାଇ ନିଆଯାଇଛି।

ଏହା ସମସ୍ତେ ଜାଣନ୍ତି ଯେ, ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାରେ ମାଲିକପକ୍ଷରେ ରାଷ୍ଟ୍ର ପକ୍ଷପାତିତା କରେ। ସରକାର, ଅମଲାତନ୍ତ୍ର ଓ ପ୍ରଶାସନଠାରୁ ଆରମ୍ଭ କରି ବିଚାରବ୍ୟବସ୍ଥା ପର୍ଯ୍ୟନ୍ତ ସମସ୍ତେ ମାଲିକମାନଙ୍କ ସ୍ୱାର୍ଥରେ ହିଁ କାର୍ଯ୍ୟ କରନ୍ତି।

ବର୍ତ୍ତମାନର ମୁଖ୍ୟ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠର ସଂଖ୍ୟାଗରିଷ୍ଠ ମତ ଥିଲା ଯେ, ୧୯୭୮ ମସିହାର ବୋଝ ଚାପି ଦେବା ପରିବର୍ତ୍ତେ ଶିଳ୍ପର ନୂତନ ସଂଜ୍ଞାକୁ ୨୦୨୦ ମସିହାର ଶ୍ରମକୋଡ୍ର ଚେତନା ଓ ବିଷୟବସ୍ତୁ ଅନୁଯାୟୀ ପରିବର୍ତ୍ତନ କରିବାକୁ ହେବ। ବିଜେପି ସରକାରଙ୍କ ନୂତନ ଶ୍ରମକୋଡ୍ର ଚେତନା କ’ଣ, ତାହା ଶ୍ରମିକମାନେ ଜାଣନ୍ତି। ଏହା ହେଉଛି, ଶ୍ରମିକଙ୍କୁ କାର୍ଯ୍ୟକ୍ଷେତ୍ରରେ କୌଣସି ଅଧିକାର ନ ଦେଇ ମୁହଁ ବନ୍ଦକରି ଖଟିବାକୁ ବାଧ କରିବା। କାରଣ ଶାସକଙ୍କ ମତରେ, ଏହା ହିଁ ଶିଳ୍ପ ପାଇଁ ଆଦର୍ଶ ସର୍ତ୍ତ ।

ଏହି ଶ୍ରମକୋଡ୍ ଶ୍ରମିକମାନଙ୍କୁ କୋଣଠେସା ଅବସ୍ଥାରେ ପକାଇ ଦେଇଛି। ଏହି ପରିସ୍ଥିତିରେ ବିଚାରବ୍ୟବସ୍ଥାର ଏକାଂଶ ମଧ୍ୟରୁ ମତ ପ୍ରକାଶ ପାଇଛି ଯେ, ବିଚାରପତି ଆୟାରଙ୍କ ଶ୍ରମିକ ସ୍ୱାର୍ଥରକ୍ଷାକାରୀ ରାୟକୁ ନାକଚ କରିଦେଲେ ମାଲିକଙ୍କ ପଲ୍ଲା ଆହୁରି ଭାରୀ ହେବ।

ଦେଖାଯାଉଛି, ନଅ ଜଣିଆ ଖଣ୍ଡପୀଠର ତିନିଜଣ ବିଚାରପତି ଏହି ରାୟ ବିରୁଦ୍ଧରେ ମତ ଦେଇଛନ୍ତି। ବିଶେଷକରି ବିଚାରପତି ନାଗରତ୍ନା ତାଙ୍କର ପୃଥକ ରାୟରେ ଶ୍ରମିକ ସ୍ୱାର୍ଥରକ୍ଷା ପ୍ରସଙ୍ଗକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ସଂପ୍ରତି ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟକୁ ‘ହତାଶାଜନକ’ ବୋଲି ଅଭିହିତ କରି ଏଆଇୟୁଟିୟୁସିର ସାଧାରଣ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ୨୨ ଅଗଷ୍ଟରେ ଜାରୀ ଏକ ବିବୃତ୍ତିରେ ବିଚାରପତି ଆୟାରଙ୍କ ୧୯୭୮ ମସିହାର ରାୟକୁ ‘ଯୁଗାନ୍ତକାରୀ’ ଭାବରେ ବର୍ଣ୍ଣନା କରିଛନ୍ତି।

ସେ କହିଛନ୍ତି, ନୂତନ ‘ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ କୋଡ୍, ୨୦୨୦’ କ୍ଷେତ୍ରରେ ଗତ ପାଂଚଦଶକ ଧରି ଚାଲିଆସୁଥିବା ଶିଳ୍ପର ସଂଜ୍ଞା ପ୍ରଯୁଯ୍ୟ ନହେଲେ ଏବଂ ତାହା ଶ୍ରମକୋଡ୍ର ୨(ପି) ଧାରାକୁ ନିୟନ୍ତ୍ରଣ ନ କଲେ, ଶ୍ରମିକ ମାନଙ୍କର ଏକ ବିଶାଳ ଅଂଶ ଯେଉଁ ଆଇନଗତ ଓ ନ୍ୟାୟସଙ୍ଗତ ଅଧିକାର ଭୋଗ କରିଆସୁଛନ୍ତି, ତାହା କ୍ଷୁର୍ଣ୍ଣ ହେବ। ଯେକୌଣସି ଆଳରେ ହେଉ ନା କାହିଁକି, ନାଗରିକମାନଙ୍କର ଅଧିକାର ଅପହରଣ କରୁଥିବା ଏପରି ଆଇନ ବା ଅଦାଲତର ରାୟ ନିଶ୍ଚିତ ଭାବରେ ଅଗଣତାନ୍ତ୍ରିକ। ଏହି ରାୟ ବିପୁଳ ସଂଖ୍ୟକ ଶ୍ରମିକଙ୍କୁ ‘ଶିଳ୍ପ’ର ସଂଜ୍ଞାର ପରିସର ବାହାରକୁ ଠେଲିଦେଇଛି ଏବଂ ସେମାନଙ୍କୁ ଏକଚାଟିଆ ପୁଞ୍ଜିର ସ୍ୱାର୍ଥରକ୍ଷାକାରୀ ଓ ଶ୍ରମିକ ବିରୋଧୀ କଠୋର କୋଡ୍ର ନୂତନ ବ୍ୟାଖ୍ୟାର ଶିକାର ହେବାକୁ ବାଧ କରିଛି।

ଏଆଇୟୁଟିୟୁସି ପ୍ରକାଶ କରିଛି ଯେ, ଏହି ରାୟ ଦେଶର ବିପୁଳ ସଂଖ୍ୟକ ଶ୍ରମିକଙ୍କ ଉପରେ ବିପର୍ଯ୍ୟୟକାରୀ ପ୍ରଭାବ ପକାଇବ ଏବଂ ସେମାନଙ୍କୁ ନିର୍ମମ ଶୋଷଣର ମୁହଁକୁ ଠେଲିଦେବ। ସର୍ବୋଚ୍ଚ ଅଦାଲତର ଏହି ଆପତ୍ତିଜନକ ରାୟକୁ ବିରୋଧ କରିବା ଏବଂ ନିଜର କଷ୍ଟାର୍ଜିତ ଅଧିକାର ରକ୍ଷା ପାଇଁ ଏକଜୁଟ ହୋଇ ଲଢ଼େଇ କରିବା ଛଡ଼ା ଶ୍ରମଜୀବୀ ମଣିଷଙ୍କ ସାମ୍ନାରେ ଅନ୍ୟ କୌଣସି ବିକଳ୍ପ ନାହିଁ।

★★★

‘ନିଶାମୁକ୍ତ, ହିଂସାମୁକ୍ତ କ୍ୟାମ୍ପସ’ ଗଢିବାର ଉପଦେଶବାଣୀ କ’ଣ ଏମାନଙ୍କ ମୁହଁରେ ଶୋଭାପାଏ ?

ଗତ ଅକ୍ଟୋବର ୧୮ତାରିଖରେ ଛାତ୍ର ସଂସଦର ବିଜୟୀ ପ୍ରାର୍ଥୀମାନଙ୍କୁ ନେଇ କଟକ ଜବାହରଲାଲ ଇନଡୋର ଷ୍ଟାଡିୟମରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଏକ ବ୍ୟୟବହୁଳ ଚାକଚକ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବରୁ କୁହାଯାଇଥିଲା, ଏହା କୌଣସି ଦଳୀୟ କାର୍ଯ୍ୟକ୍ରମ ନୁହେଁ। ରାଜ୍ୟର ଭାବି ଯୁବ ନେତୃତ୍ୱକୁ ସମ୍ବର୍ଦ୍ଧନା ଦେବା ପାଇଁ ଏହି କାର୍ଯ୍ୟକ୍ରମ। ସେଥିପାଇଁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, କୁଳପତିଙ୍କୁ ଚିଠି କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପଠାଇବା ପାଇଁ ଏକ ଅଲିଖିତ ନିର୍ଦ୍ଦେଶନାମା ଯେମିତି ଜାରୀ କରାଯାଇଥିଲା। ବିଭିନ୍ନ ସ୍ଥାନକୁ ବସ, କାର ପଠାଯାଇଥିଲା। ଟ୍ରେନ୍‌ରେ ସରକାରୀ ଖର୍ଚ୍ଚରେ ପିଲାମାନଙ୍କୁ ଅଣାଯାଇଥିଲା। ଯାତାୟାତର ସମସ୍ତ ଖର୍ଚ୍ଚ ସମେତ ଆସିବା ପଥରେ ଝଡ଼, ଜଳଖିଆ, ଭୋଜନ ଆଦି ଖର୍ଚ୍ଚ ସରକାର ବହନ କରିଥିଲେ। ତା’ଛଡା, ଏହି ସମାବେଶ ସ୍ଥଳରେ ଖାଦ୍ୟପେୟ, ସାଜସଜ୍ଜାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ କୌଣସି କାର୍ପଣ୍ୟ ନଥିଲା। ସବୁ ଖର୍ଚ୍ଚ ରାଜକୋଷ ଅର୍ଥାତ୍ ଜନସାଧାରଣଙ୍କ ପିଠିରୁ ଛାଲ ଉତାରି ଆଦାୟ କରାଯାଉଥିବା ଅର୍ଥରୁ ବ୍ୟୟ କରାଯାଇଥିଲା। ପୁଣି ସଭାସ୍ଥଳରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପାଖରୁ ଆରମ୍ଭ କରି ମାଳ ମାଳ ମନ୍ତ୍ରୀ ବିଧାୟକ, ଅଫିସରଙ୍କ ଭିଡ ଲାଗିଥିଲା।

କିନ୍ତୁ ଯାହା ମନେ କରାଯାଉଥିଲା ତା’ ହିଁ ହେଲା। ଏହି କାର୍ଯ୍ୟକ୍ରମ ଏବିଭିପି ପ୍ରାର୍ଥୀ, ସଂଗଠକ ଓ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ହିଁ ଅଭିପ୍ରେତ ଥିଲା। ନିଜେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ଖୋଲାଖୋଲି ଏବିଭିପିର ବିଜୟୀ ପ୍ରାର୍ଥୀମାନଙ୍କୁ ପ୍ରଶଂସା କରି ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ତଥା ଅନ୍ୟ ସମସ୍ତ ବିରୋଧୀମାନଙ୍କୁ ଅତି ଅରୁଚିକର ନୀତିହୀନ ନିନ୍ଦା, ସମାଲୋଚନା କରିଥିଲେ। ସମସ୍ତ ଗଣମାଧ୍ୟମରେ ମଧ୍ୟ ପ୍ରକାଶିତ ହେଲା, ଏବିଭିପିର ବିଜୟୀ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ସରକାରଙ୍କ କ୍ରୀଡା ଓ ଯୁବସେବା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରବଚନ ଦେଲାଭଳି ଉପଦେଶବାଣୀ ଶୁଣାଇଲେ, ‘ଯୁବବର୍ଗ ଗଣତନ୍ତ୍ରର ପ୍ରକୃତ ଶକ୍ତି’। କିନ୍ତୁ ସରକାରୀ ରାଜକୋଷରୁ ପାଣିଭଳି ଟଙ୍କା ଖର୍ଚ୍ଚ କରି ଏହିଭଳି ଚାକଚକ୍ୟପୂର୍ଣ୍ଣ ଅତ୍ୟନ୍ତ ବ୍ୟୟବହୁଳ ଦଳୀୟ କାର୍ଯ୍ୟକ୍ରମ ମାଧ୍ୟମରେ ଗଣତନ୍ତ୍ରର ସର୍ବନିମ୍ନ ରୀତିନୀତିକୁ ଧ୍ୱଂସ କରିଚାଲୁଥିଲେ। ପୁଣି ମୁଖ୍ୟମନ୍ତ୍ରୀ ବାଣୀ ଶୁଣାଇଥିଲେ ‘କ୍ୟାମ୍ପସକୁ ନିଶାମୁକ୍ତ ଓ ହିଂସା ମୁକ୍ତ’ ରଖିବା ଓ ଏକ ‘ଉତ୍ତମ ଶିକ୍ଷା କେନ୍ଦ୍ର’ କରିବାକୁ ଆଗେଇ ଆସିବାକୁ ହେବ। ଅନ୍ୟପଟରେ ନବୀନ ନିବାସରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମଧ୍ୟ ଅନୁରୂପ ଉପଦେଶବାଣୀ ଶୁଣାଯାଉଥିଲା।

ତେବେ କ୍ୟାମ୍ପସକୁ ନିଶା ଓ ହିଂସାର କେନ୍ଦ୍ର କିଏ କରୁଛି ? ଛାତ୍ରସଂସଦ ନିର୍ବାଚନ ତ ତାହା ପୁଣିଥରେ ଆଖିରେ ଆଙ୍ଗୁଳି ଗୋଞ୍ଜି ଦେଖାଇ ଦେଲା।

ଏହି ନିର୍ବାଚନରେ କିଏ କେତେ ବିରିୟାନୀ, ମଦଠାରୁ ଆରମ୍ଭକରି ନାନା ଧରଣର ନିଶାଦ୍ରବ୍ୟ, ଟଙ୍କା ବାଣ୍ଟିପାରିବ ତା’ର ଯେମିତି ଶାସକ ବିଜେପି ଓ ବିରୋଧୀ ବିଜେଡି ଦଳ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ପୁଣି ଶାରିରୀକ ଆକ୍ରମଣ, ଧମକ ଏପରିକି ଜୀବନରେ ମାରିଦେବାକୁ ଧମକ, ଛାତ୍ରୀମାନଙ୍କୁ ଧର୍ଷଣ, ଅପହରଣ, ହତ୍ୟାର ଧମକ ବି ଦିଆଯାଇଥିଲା। ଏହିସବୁ ଦଳର ନେତାମାନେ ମଧ୍ୟ ନାଲି ଆଖି ଦେଖାଇ କହୁଥିଲେ, ‘ଆମେ ହାରିଲେ ଦେଖିନବୁ।’ ଅତୀତରେ କ୍ଷମତାରେ ଥିଲାବେଳେ କଂଗ୍ରେସ ଗୁଣ୍ଡାରାଜରେ ରେକର୍ଡ କରିଥିଲା। କେତେ ବିରୋଧୀପକ୍ଷର ଛାତ୍ରଙ୍କୁ ଅତି ନୃଶଂସ ଭାବେ ଆକ୍ରମଣ କରି ସାରା ଜୀବନ ପାଇଁ ଅକର୍ମଣ୍ୟ କରିଦେଇଛି ତା’ର କୌଣସି ହିସାବ ନାହିଁ। ଆଜି ତୁଳନାମୂଳକ ଭାବେ ଦୁର୍ବଳ ହୋଇଥିବା କଂଗ୍ରେସ ମଧ୍ୟ ଯେଉଁଠି ଟିକେ ସବଳ, ସେଠି ବି ତା’ର ପ୍ରକୃତ ରୂପ ଦେଖାଇବାରେ ପଛେଇ ନାହିଁ। ଏଥରର ଏହି ନୀତିହୀନ କାର୍ଯ୍ୟକଳାପ ଅତୀତର ସବୁ ରେକର୍ଡକୁ ଟପିଯାଇଛି। ଲୋକେ ହିଁ କହୁଛନ୍ତି, ସାଧାରଣ ନିର୍ବାଚନରେ ଟିକେ ହେଲେ ବି ଚକ୍ଷୁ ଲଜ୍ଜା ଥାଏ, ଲୁଚାଛପାରେ ହୁଏ, କିନ୍ତୁ କଲେଜ ବିଶ୍ୱବିଦ୍ୟାଳୟରେ ଏହି ବଣ୍ଟାବଣ୍ଟିରେ ସେତକ ଟିକକ ବି ନାହିଁ।

ଅନ୍ୟଦିଗରେ ଭୟ ଓ ଆତଙ୍କର ପରିବେଶରେ ବହୁ ଛାତ୍ରଛାତ୍ରୀ ଘରକୁ ପଳାଇଯିବାକୁ ବାଧ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱ ବିଦ୍ୟାଳୟରେ ଘଟିଥିବା ହିଂସା ତ ଲୋକଲୋଚନକୁ ଆସିଛି। ବୋଧହୁଏ କର୍ତ୍ତୃପକ୍ଷ ଦ୍ୱାରା ସୃଷ୍ଟ ଓ ପାଳିତ ଗୁଣ୍ଡା ବାହିନୀ ‘ବାଉନ୍ସର’ ବାହିନୀକୁ ଏ ନିର୍ବାଚନରେ ମୃତୟନ କରିବା ପ୍ରଥମ ଘଟଣା। ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ହୋଇଥିବା ପ୍ରାୟୋଜିତ ହିଂସାରେ ନିର୍ବାଚନକୁ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ନହେଲେବି ପ୍ରାୟ ସବୁ କ୍ୟାମ୍ପସରେ ଊଣା ଅଧିକେ ଏହି ଅବସ୍ଥା। ଅର୍ଥବଳ, ବାହୁବଳ, ପ୍ରଶାସନିକ ବଳରେ ବଳୀୟାନ ବିଜେପି ତା’ର ସମସ୍ତ ଶକ୍ତି, ଅନୈତିକ ତାକତକୁ ଏ ନିର୍ବାଚନରେ ଲଗେଇ ଦେଇଥିଲା। ଆରଏସ୍‌ଏସ୍‌ର ଛାତ୍ର ସଂଗଠନ ଏବିଭିପି ଏକ ‘ଅଣରାଜନୈତିକ’ ସଂଗଠନ ବୋଲି ପ୍ରଚାର ଚାଲେ, କିନ୍ତୁ ସମସ୍ତ ‘ରାଜନୈତିକ’ କାମ ଯେ ଖୋଲାଖୋଲି ଚାଲେ, ଯାହା ଆଉ ଗୋପନ ହୋଇ ନାହିଁ। ଫଳରେ ନିଶା,

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ନିଶାମୁକ୍ତ ....

(୬ ପୃଷ୍ଠାର ଅବଶିଷ୍ଟାଂଶ)

ହିଂସାରେ କ୍ୟାମ୍ପସକୁ ଅଶାନ୍ତ କରିବାରେ ଚମ୍ପିୟନ ବିଜେପି ଦଳର ନେତାମନ୍ତ୍ରୀ ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ 'ନିଶାମୁକ୍ତ ଓ ହିଂସାମୁକ୍ତ କ୍ୟାମ୍ପସର' କଥା ସତରେ କ'ଣ ଶୋଭାପାଏ ? 'ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି', ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଏତାଦୃଶ ଦମ୍ଭୋକ୍ତି ଯେ କେତେବଡ ମିଥ୍ୟାଚାର, ତା' ବୋଧେ ବୁଝାଇ କହିବାର ବିଷୟ ନୁହେଁ। ପୁଣି ବିଜେପି ସରକାର ୮ବର୍ଷ ପରେ ନିର୍ବାଚନ କରି ନିଜର ପ୍ରତିଶ୍ରୁତି ପୂରଣ କରିଛି କହିବା ମଧ୍ୟ ହାସ୍ୟାସ୍ପଦ। କାରଣ ଛାତ୍ର, ଛାତ୍ରୀମାନେ ବିଶେଷକରି ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସ୍ଓ ତଥା ଅନ୍ୟାନ୍ୟ ଛାତ୍ର ସଂଗଠନ ପକ୍ଷରୁ ଦୀର୍ଘଦିନ ଧରି ଛାତ୍ର ସଂସଦ ନିର୍ବାଚନ ଦାବିରେ ଛାତ୍ର ଆନ୍ଦୋଳନ ଚାଲୁ ରହିଥିଲା। ଗତବର୍ଷ ସରକାର ଶେଷ ମୁହୂର୍ତ୍ତରେ ଛାତ୍ର ସଂସଦ ନିର୍ବାଚନ ନିଷ୍ପତ୍ତିକୁ ବାତିଲ କରିଦେଇଥିଲେ। କାରଣ ବାଲେଶ୍ୱରର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀର ମର୍ମନ୍ତୁଦ ମୃତ୍ୟୁ ଘଟଣାରେ ବିଜେପି ଓ ଏବିଭିପିର ପ୍ରକୃତ ଅପରାଧିକ ଚରିତ୍ର ଧରାପଡିଯାଇଥିଲା।

ଏଥର ଛାତ୍ର ଆନ୍ଦୋଳନର ପ୍ରାର୍ଥୀମାନେ ଯେମିତି ଲଢି ନ ପାରିବେ ବା ଲଢିଲେ ବି ଯେମିତି ସଠିକ୍ କଥା ପ୍ରଚାର କରିବାର ସୁଯୋଗ ନ ପାଇବେ, ତା'ର ସମସ୍ତ ଯୋଜନା ପ୍ରସ୍ତୁତ କରି ହିଁ ହଠାତ୍ ଛାତ୍ର ସଂସଦ ନିର୍ବାଚନ ସମୟ ନିର୍ଘଣ୍ଟ ଘୋଷଣା କରାଗଲା। ସ୍ପଷ୍ଟ ବୁଝାପଡୁଥିଲା, ଏବିଭିପିକୁ ଜିତାଇବା ପାଇଁ ବିଜେପି ଦଳ, ସରକାର ଓ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ନିର୍ବାଚନର ଅବ୍ୟବହିତ ପୂର୍ବରୁ ହଠାତ୍ ଏବିଭିପି ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ଆନ୍ଦୋଳନର ନାଟକବାଜି ଆରମ୍ଭ କରିବା ଓ ସରକାର ଏହାକୁ ମାନି ନେଇ ଉଭୟ ବିଜେପି ଦଳ ଓ ଏବିଭିପି ପରସ୍ପରକୁ ଶ୍ରେୟ ଦେବା ଘଟଣା ଏହାକୁ ପ୍ରମାଣ କରୁଛି। ସରକାରୀଭାବେ କୁହାଯାଇଥିଲା, ଲିଙ୍ଗଡୋ କମିଟି ସୁପାରିଶ ଅନୁଯାୟୀ ନିର୍ବାଚନ ହେବ। ଏ କ୍ଷେତ୍ରରେ ମଧ୍ୟ ଦେଖାଗଲା, ସବୁ ନୀତି-ନିୟମ ଆନ୍ଦୋଳନକାରୀ ଛାତ୍ରନେତା ମାନଙ୍କ ପାଇଁ, ଏମାନଙ୍କ ପାଇଁ ପ୍ରଜୁଯ୍ୟ ନୁହେଁ। ଏହାର ଅନ୍ୟତମ ଜ୍ୱଳନ୍ତ ନମୁନା ହେଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଆଇଡିଏସ୍ଓ ଛାତ୍ର ସଂଗଠନ ପକ୍ଷରୁ ସଭାପତି ପ୍ରାର୍ଥୀ ନିମନ୍ତେ ନୋମିନେସନ ପତ୍ରକୁ ପ୍ରଥମ ଅବସ୍ଥାରେ ଅଗ୍ରାହ୍ୟ କରିଦେବା ଘଟଣା। ଛାତ୍ର ଛାତ୍ରୀ ମାନଙ୍କ ଦୃଢ ପ୍ରତିବାଦ ଫଳରେ ଶେଷରେ ପ୍ରାର୍ଥୀପତ୍ର କାଏମ ରହିଥିଲା। ଏଥରର ଏହି ଅଗଣତାନ୍ତ୍ରିକ ପ୍ରକ୍ରିୟା ଅତୀତର ସବୁ ରେକର୍ଡକୁ ଟପି ଯାଇଛି। ତା' ସତ୍ତ୍ୱେ ବି ଯେଉଁ ସଂଗ୍ରାମୀ ଛାତ୍ରନେତାମାନେ ପ୍ରାର୍ଥୀ ହୋଇଛନ୍ତି, ଜୟଲାଭ କରିଛନ୍ତି ଓ ସବୁ ପ୍ରଲୋଭନ ଓ ଧମକୁ ପ୍ରତ୍ୟାଖ୍ୟାନ କରି ଯେଉଁମାନେ ଏମାନଙ୍କୁ ଭୋଟ ଦେଇଛନ୍ତି, ସମସ୍ତେ ହିଁ ପ୍ରଶଂସାର ପାତ୍ର ଓ ଅଭିନନ୍ଦନ ଯୋଗ୍ୟ।

ତେବେ ଏମାନଙ୍କୁ କ'ଣ ମୁଖ୍ୟମନ୍ତ୍ରୀ ମୋହନ ମାଝି ବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ନା ପୁଞ୍ଜିପତି ଶ୍ରେଣୀ ନିୟନ୍ତ୍ରିତ ଗଣମାଧ୍ୟମ ଓ ସେମାନଙ୍କ ବୋଲକରା ବୁଦ୍ଧିଜୀବୀମାନେ ଅଭିନନ୍ଦନ ଜଣାଇବେ ? ଏହା କେବେବି ଆଶା କରାଯାଇ ପାରେନା। ଏଥର ଦେଖାଗଲା ବୋଧେ ପ୍ରଥମଥର ସ୍ୱୟଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡିଶାର ଏବିଭିପି କର୍ମକର୍ତ୍ତାକୁ ଅଭିନନ୍ଦନ ଜଣାଇଛନ୍ତି ଓ ଏହା ଦେଶବିରୋଧୀ ଶକ୍ତିମାନଙ୍କ ପାଇଁ ଏକ ଦୃଢ ଜବାବ ବୋଲି କହିଛନ୍ତି। ଏହା ମଧ୍ୟରେ ଥିବା ରାଜନୈତିକ ଅଭିସନ୍ଧିକୁ ମଧ୍ୟ ବୁଝିବାକୁ ହେବ। ଅତୀତର କଂଗ୍ରେସ ଦଳ ଏ ଦେଶର ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ ପୁଞ୍ଜିବାଦୀ ଶୋଷଣରେ ଜର୍ଜରିତ ଜନଗଣଙ୍କର ଚରମ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦୀ ବ୍ୟବସ୍ଥା ବିରୁଦ୍ଧରେ ବିପ୍ଳବୀ ଅଭ୍ୟୁତ୍‌ଥାନକୁ ପ୍ରତିହତ କରିବାପାଇଁ ଫାସୀବାଦୀ ପ୍ରତିବିପ୍ଳବୀ ନୀତି ଗ୍ରହଣ କରିଥିଲା। ଆଜି ସେହି ରାସ୍ତାରେ ବିଜେପି ଦଳ ଆହୁରି ବହୁ ପାଦ ଆଗେଇ ଯାଇଛି। ଫାସିବାଦ ମଣିଷ ଗଢି ଉଠିବାର ପ୍ରକ୍ରିୟାକୁ ହିଁ ଧ୍ୱଂସ କରିଦିଏ। ପ୍ରାଚୀନ ଐତିହ୍ୟ ନାଁରେ ଉଗ୍ର ଜାତୀୟତାବାଦର କଥାରେ ମତାଇ କିଛି ଉଗ୍ର ହୃଦୟହୀନ ବିବେକହୀନ ଗ୍ୟାଙ୍ଗ ତିଆରି କରୁଛି, ଯେଉଁମାନେ ପ୍ରତିବାଦୀ ଜନତାଙ୍କ ଉପରେ ଝାମ୍ପି ପଡିବେ, ଗଣଆନ୍ଦୋଳନକୁ ଖତମ କରିବେ। ଫାସିବାଦୀ ରାଷ୍ଟ୍ରଶକ୍ତି ସହିତ ମିଶି ଏମାନେ କାମ କରିବେ। ଏହା ହିଁ ଇତିହାସରେ ଆମେ ଦେଖିବାକୁ ପାଇଛୁ। ଫାସିଷ୍ଟ ହିଟଲର ଏହିଭଳି ଗେଷ୍ଟାପୋ (ଦୁର୍ଦ୍ଦାନ୍ତ ଗୁଣ୍ଡା ବାହିନୀ) ବାହିନୀ ତିଆରି କରିଥିଲା। ଏହିମାନେ ହିଁ ଶାସକ ମାନଙ୍କର ପ୍ରିୟ ଦକ୍ଷ ଯୁବ ନେତୃତ୍ୱ। ଆଜି ଟିକେ ନିରେଖି ଦେଖିଲେ ଏହି ସତ୍ୟ ନଜରକୁ ଫାଙ୍କି ପାରିବନି।

ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଭଗତ ସିଂ, ସୁଭାଷ ବୋଷଙ୍କ ଦେଶରେ ଛାତ୍ର ସଂସଦ ନିର୍ବାଚନରେ ଏହିସବୁ ଦଳ ବିଶେଷକରି ଶାସକ ବିଜେପି ଦଳ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ଯେଉଁ ଅମାନବୀୟ ଅନୈତିକ କାର୍ଯ୍ୟ ହେଲା, ତାହାକୁ କ'ଣ ସହ୍ୟ କରାଯାଇପାରେ ? ଏହାପରେ ସରକାରୀ ଖର୍ଚ୍ଚରେ ଦଳୀୟ କାର୍ଯ୍ୟକ୍ରମ କରି ଦିଆଯାଇଥିବା ପ୍ରବଚନ ବାଣୀକୁ କ'ଣ ଗ୍ରହଣ କରାଯାଇପାରେ ? ଦୀର୍ଘଦିନ ଧରି ଶିକ୍ଷକ, ଅଧ୍ୟାପକ ନିଯୁକ୍ତି ନଦେଇ ଓ ଅନ୍ୟାନ୍ୟ ଭିତ୍ତଭୂମିକୁ ଦୁର୍ବଳ କରି ତଥା ଶିକ୍ଷା ବିରୋଧୀ ଶିକ୍ଷା ନୀତି ଆଣି ଶିକ୍ଷା ବିଶେଷ କରି ସରକାରୀ ଶିକ୍ଷାକୁ ଧ୍ୱଂସ କରିଚାଲିଥିବା, ଓଡ଼ିଆ ଅସ୍ମିତା କଥା କହି ସରକାରୀ କ୍ଷମତାକୁ ଆସି ଓଡିଆ ମାଧ୍ୟମ ସ୍କୁଲ ଧ୍ୱଂସ କରୁଥିବା ଏହି ସରକାରଙ୍କ ପ୍ରବଞ୍ଚନାପୂର୍ଣ୍ଣ ପ୍ରତିଶୃତିରେ କ'ଣ କେହି ଭ୍ରମିତ ହୋଇପାରେ ? ନିରବରେ ସଭ୍ୟତାର ଏହି ଧ୍ୱଂସଲୀଳାକୁ କ'ଣ ମଥାପାତି ସହି ନିଆଯାଇପାରେ ? ନିଶ୍ଚିତଭାବେ ସଚେତନ ମଣିଷର କଣ୍ଠରୁ ଝଙ୍କୃତ ହେବ, ନା- ପ୍ରତିବାଦ ପ୍ରତିରୋଧ ଆନ୍ଦୋଳନର ପାଲଟା ସ୍ରୋତ ସୃଷ୍ଟି କରିବାକୁ ହେବ। ଶିକ୍ଷା-ସଭ୍ୟତା-ମାନବତା ବଂଚାଅ ଆନ୍ଦୋଳନର ଅଗ୍ନିଗର୍ଭରୁ ନେତାଜୀ-ଭଗତ ସିଂଙ୍କ ଦାୟାଦ ଛାତ୍ର ନେତା ମାନଙ୍କୁ ବାହାରି ଆସିବାକୁ ହେବ, ସେହିମାନେ ହିଁ ହେବେ ପ୍ରକୃତ ଦକ୍ଷ ଯୁବ ନେତୃତ୍ୱ, ମାନବତାର ପ୍ରତିନିଧି ଆଗାମୀ ଭବିଷ୍ୟତ।

★★★

କର୍ମସ୍ଥଳୀ ନିକଟରେ ....

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ବୋଲି ବିଚାର କରାଯାଉଛି। ଯଦିଓ ଭୁବନେଶ୍ୱରର ଚାଳିଶ ଭାଗ ଜନସଂଖ୍ୟା ବସ୍ତି ବାସିନ୍ଦା ମାତ୍ର ଚାରି ଭାଗ ଜମି ରେ ଅଛନ୍ତି ଓ ସେହି ଭଳି କଟକରେ ଚାଳିଶ ଭାଗ ଲୋକ ମାତ୍ର ଦୁଇ ଭାଗ ଜମି ରେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ବେସରକାରୀ ସୂତ୍ରରୁ ଜଣାପଡିଛି। ତଥାପି ଆଜିର ତଥାକଥିତ ଲୋକଙ୍କ ସରକାର ବସ୍ତିବାସିନ୍ଦାଙ୍କ ଜମି ଅଧିକାର ଆଇନକୁ ଅଚଳ କରିଦେଇଛି।

ଆଇନରେ ବ୍ୟବସ୍ଥା ରହିଛି, କିନ୍ତୁ ତାହାର କାର୍ଯ୍ୟକାରିତା କାହିଁକି ସୁନିଶ୍ଚିତ ହେଉନାହିଁ ?

ଯେଉଁ ପରିବାରମାନେ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଜମି ଅଧିକାର ପାଇସାରିଛନ୍ତି ସେମାନଙ୍କୁ ମଧ୍ୟ ବଳପୂର୍ବକ ଉଚ୍ଛେଦ କରାଯାଉଛି ଓ ଉଚ୍ଛେଦର ଭୟ ମଧ୍ୟ ରହିଛି। ଏପରିକି ଜମି ଅଧିକାର ପାଇଥିବା ଦଳିତ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରି ସେଠି ପାର୍କ କରିବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିବା ଜଣାପଡିଛି।

'ସହଯୋଗ ପ୍ଲସ୍' ଓ ଆଇନ ବନାମ ପ୍ରଶାସନିକ ନୀତି

ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ଓ ପୁନର୍ବାସ ସମ୍ପର୍କିତ ରହିଥିବା ଆଇନଗତ ବ୍ୟବସ୍ଥାର ପୂର୍ଣ୍ଣ ଓ ସଠିକ୍ କାର୍ଯ୍ୟକାରିତା ବଦଳରେ, ସଂପ୍ରତି ରାଜ୍ୟ ଡବଲ ଇଂଜିନ ସରକାର ପ୍ରଣୟନ କରିଥିବା 'ସହଯୋଗ ପ୍ଲସ୍' ନାମରେ ଏକ ନୂତନ ଯୋଜନା ଅଧୀନରେ ପୁନର୍ବାର ସର୍ବେକ୍ଷଣ କରାଯାଉଛି। କିନ୍ତୁ ଏହି ସର୍ବେକ୍ଷଣରେ ଜମି ଅଧିକାରର ପ୍ରଶ୍ନ ନାହିଁ ଓ ତାହା ବଦଳରେ ପାଂଚ ମହଲା ଉଚ୍ଚ ଅଟ୍ଟାଳିକା ମିଳିବାର ସୂଚନା ଦିଆଯାଉଛି , ଯାହାର କାରଣ ଦର୍ଶାଯାଇ ନାହିଁ।

ଏହା ଏକ ଗୁରୁତର ନୀତିଗତ ପ୍ରସଙ୍ଗ। ଆଇନ ଦ୍ୱାରା ବସ୍ତିବାସିନ୍ଦାଙ୍କ ପାଇଁ ଅଧିକାରର ବ୍ୟବସ୍ଥା କରାଯାଇଛି, କିନ୍ତୁ ତାହାକୁ କାର୍ଯ୍ୟକାରୀ ନକରି ଏକ ପ୍ରଶାସନିକ ଯୋଜନା ମାଧ୍ୟମରେ ସେହି ଅଧିକାରର ଅପସାରଣ କରାଯିବା ନିଷ୍ପତ୍ତିକୁ ବସ୍ତି ବାସିନ୍ଦା ଗ୍ରହଣ କରିବାକୁ ବାଧ ହେବେ କାହିଁକି ?

କୌଣସି ନୂତନ ଯୋଜନା, ଏକ ଆଇନର ବିକଳ୍ପ ହୋଇପାରିବ ନାହିଁ, ଯଦି ତାହା ଆଇନଗତ ଅଧିକାରକୁ ଅକାମୀ କରିଦିଏ। ଯେକୌଣସି ନୀତିର ଉଦ୍ଦେଶ୍ୟ, ଆଇନଗତ ବୈଧତା, ସ୍ୱଚ୍ଛତା ଓ ଲୋକଙ୍କ ଉପରେ ତାହାର ପ୍ରଭାବ ସାର୍ବଜନୀନ ଆଲୋଚନାର ବିଷୟ।

ପ୍ରଶସ୍ତ ରାସ୍ତା ହେଉ ଅବା ଅନ୍ୟ ସହରୀୟ ପ୍ରକଳ୍ପ ପାଇଁ ବସ୍ତି ଉଚ୍ଛେଦ କରାଯିବାର ଆଶଙ୍କା ଥିଲେ, ସମ୍ପୃକ୍ତ ପରିବାରଙ୍କ ଆବାସ ସୁରକ୍ଷା, ଜୀବିକା ଓ ଆଇନଗତ ଅଧିକାରକୁ ପ୍ରାଥମିକତା ଦେବା ଆବଶ୍ୟକ। ଉନ୍ନୟନ ପ୍ରକଳ୍ପ ନାମରେ ଲୋକଙ୍କୁ ବାସହୀନ କରିଦେବା କୌଣସି ନ୍ୟାୟସଙ୍ଗତ ବିକାଶର ମଡେଲ୍ ହୋଇପାରିବ ନାହିଁ।

ବସ୍ତିବାସିନ୍ଦାଙ୍କ ଲଢ଼େଇ ହେଉଛି ବଂଚିତ ମଣିଷର ଲଢ଼େଇ

ବସ୍ତି ଉଚ୍ଛେଦ ବିରୋଧରେ ବସ୍ତିବାସିନ୍ଦାଙ୍କ ପ୍ରତିରୋଧ କେବଳ ନିଜ ଘରକୁ ବଞ୍ଚାଇବାର ଲଢ଼େଇ ନୁହେଁ। ଏହା ଆବାସର ଅଧିକାର, ଜୀବିକାର ସୁରକ୍ଷା, ମାନବୀୟ ମର୍ଯ୍ୟାଦା ଓ ସମାନତାର ଅଧିକାର ପାଇଁ ଏକ ବ୍ୟାପକ ସାମାଜିକ ସଂଗ୍ରାମ। ଏହି ସଂଗ୍ରାମକୁ ଆଗକୁ ନେବାରେ ବସ୍ତିବାସିନ୍ଦାଙ୍କ ସଂଗଠନ, ଜନଆନ୍ଦୋଳନ, ବାମପନ୍ଥୀଦଳ ଓ ଗଣତାନ୍ତ୍ରିକ ରାଜନୈତିକ ଶକ୍ତି ଏବଂ ସାମାଜିକ ନ୍ୟାୟରେ ବିଶ୍ୱାସ କରୁଥିବା ସମସ୍ତ ନାଗରିକଙ୍କ ଏକତା ଅତ୍ୟନ୍ତ ଜରୁରୀ।

ବସ୍ତିବାସିନ୍ଦାଙ୍କୁ ନିଜ ଅଧିକାର ପାଇଁ ଏକାକୀ ଲଢ଼ିବାକୁ ଛାଡ଼ିଦେଲେ ଚଳିବ ନାହିଁ। ସହରର ଅନ୍ୟ ଶ୍ରମଜୀବୀ, ନିମ୍ନ ମଧ୍ୟବିତ୍ତ, ଗଣତାନ୍ତ୍ରିକ ସଂଗଠନ ଓ ନାଗରିକ ସମାଜ ମଧ୍ୟ ଏହି ପ୍ରଶ୍ନକୁ ନିଜର ପ୍ରଶ୍ନ ଭାବରେ ଗ୍ରହଣ କରିବା ଆବଶ୍ୟକ। କାରଣ ଆଜି ବସ୍ତିବାସିନ୍ଦାଙ୍କ ଘର ଉଚ୍ଛେଦ ହେଉଛି; ଆସନ୍ତାକାଲି ଅନ୍ୟ କୌଣସି ଦୁର୍ବଳ ଶ୍ରେଣୀର ଆବାସ ଓ ଜୀବିକା ମଧ୍ୟ ବିପଦରେ ପଡ଼ିପାରେ। ଏକତାବଦ୍ଧ ଗଣଆନ୍ଦୋଳନ ହିଁ ଅନ୍ୟାୟ ନୀତିର ପ୍ରତିରୋଧ କରିପାରିବ ଏବଂ ଆଇନଗତ ଅଧିକାରର କାର୍ଯ୍ୟକାରିତା ପାଇଁ ସରକାରଙ୍କ ଉପରେ ଗଣତାନ୍ତ୍ରିକ ଚାପ ସୃଷ୍ଟି କରିପାରିବ।

ଏହି ପରିପ୍ରେକ୍ଷୀରେ ବସ୍ତିବାସିନ୍ଦାଙ୍କ ସମ୍ପର୍କରେ ପ୍ରଚଳିତ ଆଇନଗତ ବ୍ୟବସ୍ଥାର ପୂର୍ଣ୍ଣ କାର୍ଯ୍ୟକାରିତା, ବସ୍ତିବାସିନ୍ଦାଙ୍କୁ ଆଇନ ଅନୁଯାୟୀ ଜମି ଅଧିକାର ଓ ମର୍ଯ୍ୟାଦାର ସହ ସୁରକ୍ଷିତ ଆବାସ ପ୍ରଦାନ, ଉଚ୍ଛେଦ ପୂର୍ବରୁ ଆଇନସମ୍ମତ ପ୍ରକ୍ରିୟା, ପ୍ରଭାବିତ ପରିବାରଙ୍କ ଶୁଣାଣି ଏବଂ ଯଥୋଚିତ ପୁନର୍ବାସର ବ୍ୟବସ୍ଥା, ବସ୍ତିବାସିନ୍ଦାଙ୍କ ଜୀବିକା, ପିଲାମାନଙ୍କ ଶିକ୍ଷା ଓ ମୌଳିକ ସେବାର ସୁରକ୍ଷା, ସହରୀୟ ଯୋଜନାରେ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କ ପାଇଁ ସୁଲଭ ଆବାସର ଯଥେଷ୍ଟ ବ୍ୟବସ୍ଥା, ବସ୍ତିବାସିନ୍ଦାଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବାବେଳେ ସେମାନଙ୍କ ସଂଗଠନ ଓ ପ୍ରତିନିଧିଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା ଦାବିରେ ଦୀର୍ଘସ୍ଥାୟୀ ଶକ୍ତିଶାଳୀ ଗଣତାନ୍ତ୍ରିକ ଆନ୍ଦୋଳନ ଗଢିତୋଳିବାର ଜରୁରୀ ଆବଶ୍ୟକତା ରହିଛି।

'କର୍ମସ୍ଥଳୀ ନିକଟରେ ବାସ ସ୍ଥାନ ଅଧିକାର' ଏକ ମୌଳିକ ଅଧିକାର

ସହର ସମସ୍ତଙ୍କର, ସହର କେବଳ ଧନୀ, କ୍ଷମତାଶାଳୀ ଓ ସମ୍ପତ୍ତିର ମାଲିକମାନଙ୍କ ପାଇଁ ନୁହେଁ। ସହର କେବଳ କର୍ପୋରେଟ ଅଫିସ ପାଇଁ ନୁହେଁ ଓ ବା କେବଳ ଜମି ଓ ଘର ବ୍ୟବସାୟ କରି ଲାଭ ଉଠେଇବାର ପ୍ରଶସ୍ତ କ୍ଷେତ୍ର ନୁହେଁ। ବୃହତ ପୁଞ୍ଜି ବିନିଯୋଗ ଓ ବିକାଶ ପାଇଁ ସହର ନୁହେଁ। ସହର ଗଢୁଥିବା ଶ୍ରମିକ, ସହରକୁ ଚଳାଉଥିବା କର୍ମଜୀବୀ ଓ ସହରର ଅର୍ଥନୀତିକୁ ସକ୍ରିୟ ରଖୁଥିବା ସାଧାରଣ ଲୋକଙ୍କର ମଧ୍ୟ ସହର ଉପରେ ଅଧିକାର ରହିଛି।

ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ବୁଲଡୋଜରରେ ନୁହେଁ, ବରଂ ନ୍ୟାୟସଙ୍ଗତ ସହରୀୟ ଯୋଜନା, ସୁଲଭ ଆବାସ, ବସ୍ତିବାସିନ୍ଦାଙ୍କ ଜମି ଅଧିକାର ଆଇନ ୨୦୧୭ ଏବଂ ଓଡ଼ିଶା ମହାନଗର ନିଗମ ଆଇନ୍ (ବସ୍ତି ବାସିନ୍ଦାଙ୍କ ଜମି/ସମ୍ପତ୍ତି) ଅଧିକାର ୨୦୨୨ ଆଇନର କାର୍ଯ୍ୟକାରିତା ଓ ମାନବୀୟ ଦୃଷ୍ଟିଭଙ୍ଗୀ ମଧ୍ୟରେ ରହିଛି।

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 33 • ମୂଲ୍ୟ-୫ଟଙ୍କା

ଭୂମି ଅଧିକାର ଓ ବସ୍ତି ଉଚ୍ଛେଦ ବନ୍ଦ ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚର ବିଶାଳ ବିକ୍ଷୋଭ



ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବା, ବିନା ଥଇଥାନରେ ଲଗାତାର ଚାଲିଥିବା ବସ୍ତି ଉଚ୍ଛେଦ ବନ୍ଦ କରିବା, ଜୀବିକା ସୁରକ୍ଷାର ଆବଶ୍ୟକତା ପାଇଁ କର୍ମସ୍ଥଳ ନିକଟରେ ଥଇଥାନ କରିବା, ସମ୍ବିଧାନ ଓ ଆଇନ ଅନୁସାରେ ବସ୍ତି ଗୁଡିକୁ ଓ ବସ୍ତି ବାସିନ୍ଦାଙ୍କୁ ମଣିଷ ରହିବା ଯୋଗ୍ୟ ପରିବେଶ ଯୋଗାଇ ଦେବା, କଟକ ମହାନଗରର ବସ୍ତି ଓ ବସ୍ତି ବାସିନ୍ଦାଙ୍କ ପୂର୍ଣ୍ଣ ତାଲିକା ସାର୍ବଜନୀନ କରିବା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ ପକ୍ଷରୁ ଅକ୍ଟୋବର ୧୩ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଞ୍ଚ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଗୃହ ଓ ନଗର ଉନ୍ନୟନ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଦିଆଯାଇଛି। ବିକ୍ଷୋଭ ସ୍ଥଳରେ ଆନୁଷ୍ଠିତ ପ୍ରତିବାଦ ସଭାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚର ଆବାହକ ଖଗେଶ୍ୱର ସେଠୀ ପରିଚାଳନା କରିଥିଲେ। ବସ୍ତି ବାସିନ୍ଦାଙ୍କ ଦାବିରେ ଏସୟୁସିଆଇ(ସି) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱାବସୁ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଶ୍ୱପ୍ରିୟ କାନୁନଗୋ, ଇଂ କ୍ଷୀରୋଦ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବସ୍ତି ନେତା ଦୀପକ ଦାସ, ସ୍ୱାଧିନୀ ବେହେରା, ସୁକାନ୍ତ ନାୟକ, ଗଙ୍ଗାଧର ଦଳାଇ, ନୟନା ନାୟକ, ନାରାୟଣ ସୁତାର, ଆଦିତ୍ୟ ନାୟକ, ବିଚିତ୍ର ପାତ୍ର, ଶିବ ବେହେରା, ଚାନ୍ଦୁ ହେମ୍ବ୍ରମ, ଜିତୁ ମାରାଣ୍ଡି, ବାପି ମୁର୍ମୁ, ରେଣୁବାଳା ଦାସ, ଗୀତା ଦେବୀ ଶାହା, ସରସ୍ୱତୀ ସୂତାର, ଜ୍ୟୋସ୍ନା ପାଲ, ଶାନ୍ତିଲତା ପ୍ରଧାନ, ଧରଣୀଧର ମହାରଣା, ପ୍ରଦୀପ ସେନାପତି ମହେନ୍ଦ୍ର ପରିଡ଼ା, ପଞ୍ଚାନନ ସିଂ ରିତା ଦଳାଇ, ଦୀନବନ୍ଧୁ ନାୟକ ସସ୍ମିତା ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ହରିଚନ୍ଦନପୁରଠାରେ ବିଶାଳ ଗଣ ବିକ୍ଷୋଭ



ଦୈତାରୀ ଖଣି ଯୋଗୁଁ କ୍ଷତିଗ୍ରସ୍ତ ବେକାର ଯୁବକ ମାନଙ୍କୁ ଦୈତାରୀ ଖଣିରେ କାମ ଦେବା, ଛଟେଇ ହୋଇଥିବା ଶ୍ରମିକ ଓ ତାଲିମପ୍ରାପ୍ତ ଯୁବକମାନଙ୍କୁ ନିଯୁକ୍ତି ଦେବା ଦାବିରେ ସେପ୍ଟେମ୍ବର ୨୯ ତାରିଖରେ ହରିଚନ୍ଦନପୁର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖଣି ପ୍ରଭାବିତ ଗାଁ ଗୁଡ଼ିକରେ ବିଶୁଦ୍ଧ ପିଇବା ପାଣି ଯୋଗାଇବା, ମାଗଣା ବିଜୁଳି ଦେବା, ପକ୍କା ରାସ୍ତା ନିର୍ମାଣ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଚାଷ ଜମି ଓ ଘରଡିହର ସ୍ଥାୟୀ ପଟ୍ଟା ଦେବା, ଦୈତାରୀରେ ମାଇନିଂ ଇଞ୍ଜିନିୟରିଂ ସ୍କୁଲ୍ ପ୍ରତିଷ୍ଠା କରିବା ଆଦି ଦାବି ଉପସ୍ଥାପନ କରଯାଇଥିଲା। ଦୈତାରୀ ଉପତ୍ୟକା ଖଣି କ୍ଷତିଗ୍ରସ୍ତ ଗଣମଂଚ ପକ୍ଷରୁ ଏହି ବିକ୍ଷୋଭ ଡାକରା ଦିଆଯାଇଥିଲା। ସ୍ଥାନୀୟ ଲକ୍ଷ୍ମୀ ପଡ଼ିଆ ଛକରୁ ବେକାର ଯୁବକ, ଛଟେଇ ଶ୍ରମିକ, ଚାଷୀ, ମୁଲିଆ ଓ ମହିଳା ହଜାର ହଜାର ସଂଖ୍ୟାରେ ଶୋଭାଯାତ୍ରାରେ ବାହାରି ତହସିଲରେ ପହଂଚିଥିଲେ ଏବଂ ପ୍ରତିବାଦ ସଭା କରିଥିଲେ। ଗଣମଂଚର ଆବାହକ କମ୍ରେଡ୍ ସୁରେଶ ପ୍ରଧାନଙ୍କ ଅଧକ୍ଷତାରେ ସଭା ହୋଇଥିଲା। ବକ୍ତାମାନେ ଓଏମ୍‌ସିର ଅବହେଳା ଓ ପକ୍ଷପାତିତାକୁ ସମାଲୋଚନା କରିଥିଲେ। ସଭାରେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର, ଯୁବନେତା କମ୍ରେଡ୍ ବିଜୟାନନ୍ଦ ମଲ୍ଲିକ, ଚାଷୀ ନେତା କାଇତା ସର୍ଦ୍ଦାର, ଶ୍ରମିକ ନେତା ବଳିଆ ଦେଓଗାମ, ଗଜେନ୍ଦ୍ର ମାରାଣ୍ଡି ପ୍ରମୁଖ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ସରକାର ଦାବି ଗୁଡିକ ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ କୁ ଅହୁରି ଜୋରଦାର କରାଯିବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି।

ଭିବିଜି-ରାମଜି ଶ୍ରମିକ ସଂଗଠନ ପକ୍ଷରୁ ବେଲପଡା ବ୍ଲକ ସମ୍ମୁଖରେ ବିକ୍ଷୋଭ



ଅକ୍ଟୋବର ୧୫ ତାରିଖରେ ଏଆଇୟୁଟିୟୁସି ସହବନ୍ଧିତ ଭିବି-ଜି ରାମ-ଜି ଶ୍ରମିକ ସଂଗଠନ ବେଳପଡା ବ୍ଲକ କମିଟି ପକ୍ଷରୁ ବର୍ଷକୁ ୩୦୦ ଦିନ କାମ, ସାପ୍ତାହିକ ନିୟମିତ ମଜୁରୀ ପ୍ରଦାନ ଓ ବକେୟା ପାଉଣା ପ୍ରଦାନ କରିବା ଦାବିରେ ବେଲପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରକାଶ ଥାଉକି ବଲାଙ୍ଗୀର ଭଳି ଦାଦନ ପ୍ରବଣ ଜିଲ୍ଲାରେ ବର୍ଷ କୁ ୩୦୦ ଦିନ କାମ ଯୋଗାଇ ଦେବା ପାଇଁ ରାଜ୍ୟ ବିଜେପି ସରକାର ପ୍ରତିଶ୍ରୁତି ଦେଇଥିଲେ ବି ୧୨୫ ଦିନ କାମ ନ ହେବା ପୂର୍ବରୁ ହିଁ କାମ ବନ୍ଦ ହୋଇ ଯାଇଛି ଓ ମଜୁରୀ ପାଇବାରେ ଘୋର ଅବ୍ୟବସ୍ଥା ଓ ଅନିୟମିତତା ଦେଖା ଦେଇଛି। ଏହା ବିରୁଦ୍ଧରେ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ବକ୍ତବ୍ୟ ରଖି ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର ନିଜର ନ୍ୟାଯ୍ୟ ଦାବି ହାସଲ ନ ହେବା ପର୍ଯ୍ୟନ୍ତ ସମସ୍ତ ଶ୍ରମିକ ସଂଗଠିତ ହୋଇ ଦୁର୍ବାର ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏକ ପ୍ରତିନିଧିମଣ୍ଡଳୀ ବିଡ଼ିଓଙ୍କ ସହ ଦାବି ଉପରେ ଆଲୋଚନା କରିଥିଲେ। ବିକ୍ଷୋଭରେ ଭିବି-ଜି ରାମ-ଜି ବ୍ଲକ କମିଟି ସଭାପତି ଫକୀର ଲୁହା, ସମ୍ପାଦକ ଭୀମ କୁଅଁର, କୋଷାଧକ୍ଷ ସୁଦାମ ମାଝୀ, ଜଗମୋହନ ସାଣ୍ଠ, ଶ୍ରୀରାମ ନାଏକ, ଡିଗଲେଶ୍ୱର ମାଝୀ, ସୁବଳ ପୁଟେଲ, ଏସୟୁସିଆଇ(ସି)ଜିଲ୍ଲା ସମ୍ପାଦକ ସୁନୀଲ କୁମାର ଭୋଇ, ମଧୁସୂଦନ ବାଗ, ତାମସ ବେହେରା ପ୍ରମୁଖ ବକ୍ତ୍ୟବ୍ୟ ରଖିଥିଲେ।

ଓଡିଶା ମିଳିତ ଆଶା ୟୁନିୟନ ପକ୍ଷରୁ ବଶାଳ ବକ୍ଷୋଭ



ଅକ୍ଟୋବର ୧୩ ତାରିଖରେ ଆଶାକର୍ମୀ ମାନଙ୍କୁ ସ୍ୱେଚ୍ଛାସେବୀ ପରିବର୍ତ୍ତେ ସରକାରୀ କର୍ମଚାରୀର ମାନ୍ୟତା ଦେଇ ସର୍ବନିମ୍ନ ମାସିକ ୨୮ ହଜାର ଟଙ୍କା ଏବଂ ଅବସର ପରେ ସର୍ବନିମ୍ନ ପେନ୍‌ସନ୍ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରିବା, ସରକାରୀ କର୍ମଚାରୀର ମାନ୍ୟତା ଦେବା ପର୍ଯ୍ୟନ୍ତ ଅନ୍ତତଃ କେନ୍ଦ୍ର ସରକାରଙ୍କ ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ସହିତ କାମ ପାଇଁ ପ୍ରୋତ୍ସାହନ ରାଶି ପ୍ରତି ମାସରେ ନିୟମିତ ପ୍ରଦାନ କରିବା, ବକେୟା ଦରମା ଅବିଳମ୍ବେ ପ୍ରଦାନ କରିବା, ଦୈନିକ କାମ କରିବାର ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ସ୍ଥିର କରିବା ଏବଂ ଅତିରିକ୍ତ କାମ ପାଇଁ ଅତିରିକ୍ତ ପାରିଶ୍ରମିକ ଦେବା, ଅଶା କର୍ମୀମାନଙ୍କୁ ପି.ଏଫ, ପେନ୍‌ସନ, ବୀମା, ଗ୍ରାଚ୍ୟୁଟି, ସ୍ୱାସ୍ଥ୍ୟସେବା ଆଦି ସାମାଜିକ ସୁରକ୍ଷାରେ ଅର୍ନ୍ତଭୁକ୍ତ କରିବା, ଜାତୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନାରେ ତାଲିମ ବେଳେ ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା, ସ୍ୱାଭାବିକ ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ଓ ଦୁର୍ଘଟଣାଜନିତ ମୃତ୍ୟୁପାଇଁ ୧୦ଲକ୍ଷ ଟଙ୍କା ପ୍ରଦାନ କରିବା, ସମସ୍ତ ଡାକ୍ତରଖାନାରେ ଆଶାକର୍ମୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ ଗୃହର ବ୍ୟବସ୍ଥା କରିବା, ଆଶାକର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦେବା ଦାବିରେ ଓଡିଶା ମିଳିତ ଆଶା ୟୁନିୟନ ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ୟୁନିୟନର ସଭାପତି କମ୍ରେଡ୍ ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ସାଧାରଣ ସଂପାଦିକା ରେଣୁ ମହାରାଣ, ଏଆଇୟୁଟିୟସି ରାଜ୍ୟ ସଂପାଦକ ଜୟସେନ ମେହେର, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି,ଏଲିନା ସାମନ୍ତରାୟ, ଅଶୋକ ସାହୁ, ତଅପୋଇ ଭୋଇ, ମମତା ମଲ୍ଲିକ, ତନୁଜା ମଲ୍ଲିକ, ସ୍ୱପ୍ନାରଣା ଦାସ, ବିଲକିସ୍ ବେଗମ, ଚମ୍ପକବାଳା ମଲ୍ଲିକ, କଳ୍ପନା ଚମ୍ପତି, ସରସ୍ୱତୀ ବେହେରା, କବିତା ଚମ୍ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭ ସ୍ଥଳରୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das